

ବରୁଣେଶ୍ୱର ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ମଞ୍ଚରେ ଉପସ୍ଥିତ ଅତିଥିବୃନ୍ଦ।

# 'ମଣିଷର ବ୍ୟବହାର ନିଜ ସଭ୍ୟତା, ସଂସ୍କୃତିକୁ ପ୍ରତିପାଦନ କରେ'

ବିଞ୍ଝାରପୁର,୧୭।୧(ଡିଏନଏ)

## ବରୁଣେଶ୍ୱର ମହୋତ୍ସବ ଉଦ୍‌ଯାପିତ

ମନୁଷ୍ୟର ବିବେକପଣିଆ, ଆଚରଣ ଓ ଉଚ୍ଚାରଣ ସେଠାର ସଭ୍ୟତା ଓ ସଂସ୍କୃତିକୁ ପ୍ରତିପାଦନ କରିଥାଏ। ନିଜ ସଭ୍ୟତା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ପାଇଁ ପ୍ରତ୍ୟେକ ମନୁଷ୍ୟ ନିଜକୁ ସଂସ୍କାରୀ କରିବା ସହିତ ଆଞ୍ଚଳିକ କଳା ସାହିତ୍ୟ, ଐତିହ୍ୟକୁ ସୁରକ୍ଷିତ ଓ ଉଜ୍ଜୀବିତ କରିବାର ଆବଶ୍ୟକତା ରହିଛି ବୋଲି ଶୁକ୍ରବାର ବରୁଣେଶ୍ୱର ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ବିଞ୍ଝାରପୁର ବିଧାୟିକା ତଥା ଓଡ଼ିଶା ସରକାରଙ୍କ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଅବସରପ୍ରାପ୍ତ ଅଧ୍ୟାପକ ତଥା ବରିଷ୍ଠ କବି ଶ୍ରୀହରୀ ଧଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବେ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା ଯୋଗଦେଇ ବରୁଣେଶ୍ୱର କ୍ଷେତ୍ର ଏକ ପବିତ୍ର କ୍ଷେତ୍ର, ଏଠାରେ ମହୋତ୍ସବ ଏକ ଭକ୍ତି ଓ ସାହିତ୍ୟର ସମୃଦ୍ଧ ଭାବାବେଗ ସୃଷ୍ଟି କରୁଛି। ମହୋତ୍ସବ ଭାଇଚାରା ଓ ସଦ୍‌ଭାବନାର ପ୍ରତୀକ ବୋଲି ଏସପି ମୀନା ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସଭାରେ ସମ୍ମାନିତ ଅତିଥିଭାବେ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ବିଡିଓ ମିନତୀ ଜଗଦେବ, ମହୋତ୍ସବ କମିଟି ସଭାପତି ହେମେନ୍ଦ୍ର ସାମଲ, ଅରେଇ ସରପଞ୍ଚ ଦେବାନନ୍ଦ ମଲ୍ଲିକ, ପ୍ରଫୁଲ୍ଲ ନାୟକ, ଚିକଣା ସରପଞ୍ଚ ଧ୍ରୁବଚରଣ ସେଠୀ, ଅରେଇ ସମିତିସଭ୍ୟ ସମୀର ଯେନା, ସମାଜସେବୀ ନାରଣ ମହାନ୍ତି, ପର୍ଶୁରାମ କବି ପ୍ରମୁଖ ଯୋଗଦେଇ ବରୁଣେଶ୍ୱର ମହୋତ୍ସବ ଓ ମେଳା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଭାରେ ପରିବେଶବିତ୍ ରବୀନ୍ଦ୍ର କୁମାର ପରିଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଗୀତଜ୍ଞ ଦୀନେଶ ମଲ୍ଲିକ ଓ ଅରୁପମା ନାୟକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସାଇ ସନ୍ତୋଷୀ ଜେନା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ମହୋତ୍ସବକୁ ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ପ୍ରୀୟତମା ବେଉରିଆ, ଅହଲ୍ୟା ସ୍ୱାଇଁ, ରଞ୍ଜନ କୁମାର ଧଳ, କାମଦେବ ଧଳ, ରୋମିଓ ରୋପଣ ରାଉତ, କୃଷ୍ଣଯଣ ଚନ୍ଦ୍ର ଯେନା ପ୍ରମୁଖ ପରିଚାଳନା କରିଥିଲେ। ସଭା ପରେ ଓଡ଼ିଆ ଚଳଚିତ୍ର ଜଗତର ହାସ୍ୟ ଅଭିନେତା ପପୁ ପମପମଙ୍କ ଦ୍ୱାରା ଏକ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ସଙ୍ଗୀତ ନୃତ୍ୟରେ ଦୁଲୁକୁଛି ମହୋତ୍ସବ

**ତୃତୀୟ ଦିନରେ ବରୁଣେଶ୍ୱର ମେଳା**

ବରୁଣେଶ୍ୱର ମେଳା ଶୁକ୍ରବାର ତୃତୀୟ ଦିନରେ ପହଞ୍ଚିଛି। ପୂର୍ବଦିନ ଅପେକ୍ଷା ଶୁକ୍ରବାର ଅଧିକ ସଂଖ୍ୟକ ଯାତ୍ରୀଙ୍କ ଭିଡ଼ ଜମିଥିବାରୁ ବ୍ୟବସାୟୀ ଓ ଆୟୋଜକଙ୍କ ଖୁସି ବେଶ୍ ସ୍ପଷ୍ଟ ଦେଖିବାକୁ ମିଳିଥିଲା। ଶୁକ୍ରବାର ସନ୍ଧ୍ୟା ଥିଲା ବରୁଣେଶ୍ୱର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା। ଏହି ମହୋତ୍ସବରେ ଓଡ଼ିଆ ସିନେଜଗତର ଚର୍ଚ୍ଚିତ ଚେହେରା ତତ୍ତ୍ୱପ୍ରକାଶ ଶତପଥି ଓରଫ ପପୁ ପମ୍‌ପମ୍‌ଙ୍କ କଳା ପରିବେଷଣ ଦେଖିବାକୁ ହଜାର ହଜାର ଦର୍ଶକ ଉତ୍କଣ୍ଠାର ସହିତ ମଞ୍ଚ ତଳେ ବସିଥିବା ଦେଖାଯାଇଥିଲା।



## ପେଟ ପାଇଁ ନାଚ

ବରୁଣେଶ୍ୱର ମେଳାକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରତିଦିନ ହଜାର ହଜାର ଲୋକ ବୁଲିବା ପାଇଁ ଆସୁଛନ୍ତି। ହେଲେ ମେଳା ପରିସରରେ ପେଟ ଚାଖଣ୍ଡ ପାଇଁ ରାଜ୍ୟ ବାହାରୁ ନିଜ ପରିବାର ସହିତ ଆସି କମ୍ ବୟସର ଝିଅଟିଏ ବାଉଁଶ ରାଣୀ ଖେଳରେ ନିଜର ଦୁଃସାହସିକ ଖେଳ ପ୍ରଦର୍ଶନ କରି ଦର୍ଶକଙ୍କୁ ରୋମାଞ୍ଚିତ କରିପାରିଛି। ଏହି ବେଉସା ମାଧ୍ୟମରେ ଅର୍ଥ ରୋଜଗାର କରି ନିଜର ପରିବାର ଚଳାଇବାର କଳା ପୁରୁଷପୁରୁଷ ଧରି ଚାଲି ଆସିଛି ବୋଲି ମଧ୍ୟପ୍ରଦେଶରୁ ଏହି ଖେଳ ପାଇଁ ଆସିଥିବା ଜଣେ ମହିଳା ପ୍ରକାଶ କରିଛନ୍ତି।



## ବାବାଙ୍କ ଦର୍ଶନ ଆଳରେ ରୁଦ୍ରାଭିଷେକ




ବାବା ବରୁଣେଶ୍ୱର ବର୍ଷର ସବୁ ସମୟରେ ଜଳମଗ୍ନ ରହିଥାନ୍ତି। ଯେଉଁଦିନ ରୁଦ୍ରାଭିଶେଷକ ହୋଇଥାଏ, ସେହିଦିନ କେବଳ ବାବାଙ୍କ ଦର୍ଶନ ମିଳିଥାଏ। ମେଳାର ପ୍ରତ୍ୟେକ ଦିନ ବାବାଙ୍କ ଦର୍ଶନ ପାଇଁ ରୁଦ୍ରାଭିଷେକ ଆୟୋଜନ ହେଉଛି। ୯ଦିନ ବ୍ୟାପୀ ମେଳାରେ ପ୍ରଥମେ ପ୍ରଶାସନ ପକ୍ଷରୁ ରୁଦ୍ରାଭିଶେଷକ କରିବା ପରେ ପରେ ବିଧାୟିକା, ବ୍ଲକ ଅଧ୍ୟକ୍ଷଙ୍କ ସମେତ ବହୁ ଶ୍ରଦ୍ଧାଳୁ ପାଳି କରି ୯ଦିନ ବ୍ୟାପୀ ରୁଦ୍ରାଭିଶେଷକ କରୁଛନ୍ତି। ଆଉ ଏହି ମଉକାରେ ଶ୍ରଦ୍ଧାଳୁମାନେ ମଧ ବାବା ବରୁଣେଶ୍ୱରଙ୍କୁ ଦର୍ଶନ କରି କୃତାର୍ଥ ହେଉଛନ୍ତି।


ନୂଆବର୍ଷ ଓ ପବିତ୍ର ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ମେଳା ପଡ଼ିଆରେ ବର୍ଜ୍ୟବସ୍ତୁ ଏଣେତେଣେ ନ ପକାଇ ଡଷ୍ଟବିନ ବ୍ୟବହାର କରିବା ପାଇଁ ଅନୁରୋଧ କରୁଛୁ।


ଇଂ. ବାରିଜ କୁମାର ଷଣ୍ଢ
ସହକାରୀ ନିର୍ବାହୀ ଯନ୍ତ୍ରୀ


ଇଂ. ତୃପ୍ତାଞ୍ଜଳୀ ରଥ
କନିଷ୍ଠ ଯନ୍ତ୍ରୀ-୧


ଇଂ. ଅନୀଲ ସାମଲ
କନିଷ୍ଠ ଯନ୍ତ୍ରୀ-୨

ଗ୍ରାମ୍ୟ ସ୍ୱଚ୍ଛ ପାନୀୟ ଜଳ ଓ ପରିମଳ ବିଭାଗ, ବିଞ୍ଝାରପୁର


## ପଲ୍ଲୀମେଳାରୁ ହାଇଟେକ ମେଳା

ଦିନଥିଲା ବରୁଣେଶ୍ୱର ମେଳାରେ କେବଳ ଖାଇବାକୁ ମୁଆଁ, ବରା, ଗୁଲଗୁଲା, ବାରମଜା,ସୋଲା, ପୋଡପିଠା ଭଳି ଗାଁ ଖାଦ୍ୟ ବିକ୍ରୟ ହେଉଥିଲା। ସାମଗ୍ରୀ ମଧ୍ୟରେ ମାଟି ନିର୍ମିତ ହାଣ୍ଡି, କାଷ୍ଠ ନିର୍ମିତ ସାମଗ୍ରୀ, କଂସା ପିତ୍ତଳ ଆଦି ବିକ୍ରୟ ହେଉଥିଲା। ହେଲେ ସମୟ ବଦଳିଛି। ମେଳା ପଡିଆରେ ନାମିଦାମୀ କମ୍ପାନୀର ବାଇକ, ଟ୍ରାକ୍ଟର, ଅଟୋ, ଟିଭି, ଫ୍ରିଜଠାରୁ ଆରମ୍ଭ କରି ଆହୁରି କେତେ କ'ଣ ମେଳାରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସେହିପରି ମେଳାରେ ଗୁପଚୁପ, ଚାଟ, ଫାଷ୍ଟଫୁଡ, ବିରିଆନୀ, ଠୁଙ୍କାପୁରୀ ଆଦି ଚାହିଦା ବୃଦ୍ଧି ପାଇଛି। ବିଶେଷ କରି ଯୁବ ବର୍ଗରେ ଗୁପଚୁପ,ଆଇସକ୍ରୀମ ଓ ଫାଷ୍ଟଫୁଡକୁ ବେଶ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି।

## ହର-ଏକ-ମାଲ ଉପରେ ସମସ୍ତଙ୍କ ନଜର



ମେଳାରେ ପଡିଆରେ ଶହ ଶହ ଷ୍ଟଲ ମଧ୍ୟରେ ସର୍ବାଧିକ ହେଉଛି ହର-ଏକ-ମାଲ ଷ୍ଟଲ। ମେଳାରେ ୫୦ରୁ ଉର୍ଦ୍ଧ୍ୱ ହର-ଏକ-ମାଲ ଷ୍ଟଲ ପଡିଥିବାବେଳେ ଅଧିକାଂଶ ଯାତ୍ରୀ ଏହି ଷ୍ଟଲରେ ଭିଡ ଜମାଇଥିବା ଦେଖିବାକୁ ମିଳିଛି। ୫ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କିଆ ସାମଗ୍ରୀ ମିଳୁଛି। ଶିଶୁ ଖେଳନା ପାଖରୁ ଆରମ୍ଭ କରି ଘରକରଣା ସାମଗ୍ରୀ ଓ ମହିଳାଙ୍କ ପ୍ରସାଧନ ସାମଗ୍ରୀ ଏହି ଷ୍ଟଲରେ ବିକ୍ରୟ ହେଉଛି। ସର୍ବାଧିକ ଯାତ୍ରୀ ଏହି ଷ୍ଟଲରେ ଭିଡ ଜମାଇଥିବା ଦେଖିବାକୁ ମିଳିଛି।

## ମେଳାରେ ଯାତ୍ରାକୁ ଅପେକ୍ଷା

ବରୁଣେଶ୍ୱର ମେଳାର ପ୍ରମୁଖ ଆକର୍ଷଣ ହେଲା ଅପେରା ଦଳଙ୍କ ଯାତ୍ରା। ଯାତ୍ରା ବିନା ବରୁଣେଶ୍ୱର ମେଳା ଅଧୁରା। ସେଥିପାଇଁ ଏହି ମେଳାରେ ରାତିରେ ଯେତିକି ଲୋକ ଦିନରେ ବି ସେତିକି ଲୋକ ଥାଆନ୍ତି ଏହି ମେଳାରେ। ତେବେ ଶନିବାରଠାରୁ ଯାତ୍ରା ଆରମ୍ଭ ହେଉଥିବାରୁ ଦର୍ଶକମାନେ ଏବେଠାରୁ ସଜବାଜ ହେଉଥିବା ଦେଖିବାକୁ ମିଳୁଛି। ଚଳିତ ବର୍ଷ ୫ଟି ଅପରା ଦଳ ଅଂଶଗ୍ରହଣ କରୁଥିବା ଡାକବାଜି ଯନ୍ତ୍ର ଓ ବଡ ବଡ ହୋର୍ଡିଂରୁ ଦେଖିବାକୁ ମିଳୁଛି। ତେବେ ମେଳାରେ ଯାତ୍ରୀଙ୍କ ସଂଖ୍ୟା ବଢୁଥିବାବେଳେ ସମଗ୍ର ବିଞ୍ଝାରପୁରବାସୀ ସାମିଲ ହେଉଥିବା ଦେଖିବାକୁ ମିଳୁଛି।


ନୂଆବର୍ଷ ଓ ପବିତ୍ର ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ରମେଶ ଚନ୍ଦ୍ର ମହାପାତ୍ର
ସଭାପତି, ଜିଲ୍ଲା ଭି.ଏଲ୍.ଡବ୍ଲ୍ୟୁ. ଆସୋସିଏଶନ, ଯାଜପୁର

ନୂଆବର୍ଷ ଓ ପବିତ୍ର ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭେଚ୍ଛା।

ଅଭିଜିତ ବିଶ୍ୱାଳ
କୋଷାଧ୍ୟକ୍ଷ, ବିଞ୍ଝାରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଞ୍ଝାରପୁର

ନୂଆବର୍ଷ ଓ ପବିତ୍ର ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭେଚ୍ଛା।

ଇଂ. ରଞ୍ଜନ କୁମାର ସାମଲ
ସହକାରୀ ଯନ୍ତ୍ରୀ, ବିଞ୍ଝାରପୁର

ନୂଆବର୍ଷ ଓ ପବିତ୍ର ବରୁଣେଶ୍ୱର ମେଳା ଅବସରରେ ଅରେଇ ତଥା ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ସୁବାସ ଚନ୍ଦ୍ର କର
ପି.ଇ.ଓ., ଅରେଇ ଗ୍ରା.ପ., ବିଞ୍ଝାରପୁର

ନୂଆବର୍ଷ ଓ ପବିତ୍ର ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଅଭିଭାବକ, ଶିକ୍ଷାବିତ୍ ଓ ଛାତ୍ରୀଛାତ୍ରମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ରବିନାରାୟଣ ମହାନ୍ତି
ସଭାପତି, ପ୍ରାଥମିକ ଶିକ୍ଷକ ସଂଘ, ବିଞ୍ଝାରପୁର

ନୂଆବର୍ଷ ଓ ପବିତ୍ର ବରୁଣେଶ୍ୱର ମେଳା ଅବସରରେ ଅରେଇ ତଥା ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭେଚ୍ଛା।

ଝାନେନ୍ଦ୍ର ଲେଙ୍କା
ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ, ବିଞ୍ଝାରପୁର

ନୂଆବର୍ଷ ଓ ପବିତ୍ର ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ଇଂ. ଅମୂଲ୍ୟ କୁମାର ତ୍ରିପାଠୀ
କନିଷ୍ଠ ଯନ୍ତ୍ରୀ, ବିଞ୍ଝାରପୁର

ନୂଆବର୍ଷ ଓ ପବିତ୍ର ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଅଭିଭାବକ, ଶିକ୍ଷାବିତ୍ ଓ ଛାତ୍ରୀଛାତ୍ରମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ଶୈଳେନ୍ଦ୍ର ନାରାୟଣ ସାମଲ
ସମ୍ପାଦକ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ, ବିଞ୍ଝାରପୁର

ନୂଆବର୍ଷ ଓ ପବିତ୍ର ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ଇଂ. ପ୍ରଶାନ୍ତ ଦାଶ
କନିଷ୍ଠ ଯନ୍ତ୍ରୀ, ବିଞ୍ଝାରପୁର

ନୂଆବର୍ଷ ଓ ପବିତ୍ର ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଶିକ୍ଷାବିତ୍ ଓ ଛାତ୍ରୀଛାତ୍ରମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା।

ବୈଦ୍ୟନାଥ ପରିଡ଼ା
ସମ୍ପାଦକ, ଜିଲ୍ଲା ପରିଷଦ ଟିଚର୍ସ ଫେଡେରେଶନ, ବିଞ୍ଝାରପୁର

ନୂଆବର୍ଷ ଓ ପବିତ୍ର ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଅଭିଭାବକ, ଶିକ୍ଷାବିତ୍ ଓ ଛାତ୍ରୀଛାତ୍ରମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

କ୍ଷୀରୋଦ କୁମାର ମଲ୍ଲିକ
ସଭାପତି, ଜିଲ୍ଲା ପରିଷଦ ଟିଚର୍ସ ଫେଡେରେଶନ, ବିଞ୍ଝାରପୁର

ନୂଆବର୍ଷ ଓ ପବିତ୍ର ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ଇଂ. ରାସବିହାରୀ ଜେନା
କନିଷ୍ଠ ଯନ୍ତ୍ରୀ, ବିଞ୍ଝାରପୁର

## ସଂକ୍ଷେପରେ

### ମୁଣ୍ଡକୁ ବନ୍ଧୁକରେ ପିଟି ସୁନା ଚେନ୍ ଲୁଟ୍

**କୁଜଙ୍ଗ, ୧୭।୧ (ଡି.ଏନ୍.ଏ.)**
କୁଜଙ୍ଗ ଥାନା ଅଧୀନ ବାଲିତୁଠ ବଜାର ନିକଟ ବାଲିସାହି ଛକଠାରେ ଶୁକ୍ରବାର ଦୁର୍ବୃତ୍ତମାନେ ବାଲିତୁଠ ଗ୍ରାମର ସମୀର ନାୟକଙ୍କ ମୁଣ୍ଡକୁ ବନ୍ଧୁକରେ ଆଘାତ ଦେଇ ତାଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇ ନେଇଛନ୍ତି। ଏ ନେଇ ଶରତ ଥାନାରେ ଅଭିଯୋଗ କରିଛନ୍ତି।



ଅଭିଯୋଗ ମୁତାବକ, ସମୀର ବାଲିସାହି ଛକରେ ଥିବା ଏକ ପାନ ଦୋକାନରେ ବସିଥିଲେ। ଏହି ସମୟରେ ୩ଜଣ ଦୁର୍ବୃତ୍ତ ଏକ ଆପାଚି ବାଇକ୍‌ରେ ଆସି ସେଠାରେ ଅଟକିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଗାଡ଼ି ପାଖରେ ଠିଆ ହୋଇଥିବା ବେଳେ ଅନ୍ୟ ୨ଜଣ ଦୋକାନୀଙ୍କୁ ସିଗାରେଟ୍ ମାଗିଥିଲେ। ତେବେ ମୁହଁରେ କପଡ଼ା ବାନ୍ଧିଥିବା ଯୁବକ ଜଣକ ସମୀରଙ୍କ ଗୋଡ଼କୁ ଲକ୍ଷ୍ୟ କରି ଏକ ଗୁଳି ଚଳାଇଥିଲେ। ହେଲେ ଏହା ତାଙ୍କ ଗୋଡ଼ରେ ନ ବାଜିବାରୁ ଯୁବକ ଜଣଙ୍କ ସମୀରଙ୍କ ମୁଣ୍ଡରେ ବନ୍ଧୁକ ପିଟିଦେଇ ତାଙ୍କ ବେକରୁ ସୁନା ଚେନ୍ ଛିଣ୍ଡାଇ ନେଇ ପଳାଇଥିଲେ। ଆହତ ଅବସ୍ଥାରେ ସମୀର ଥାନାରେ ପହଞ୍ଚି ଅଭିଯୋଗ କରିବା ପରେ ପୋଲିସ ୧୯/୨୦ ନଂ.ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଥାନା ଅଧିକାରୀ ଦିଲ୍ଲୀପ ସାହୁ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରି ଫେରିଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଦୁର୍ବୃତ୍ତମାନଙ୍କ ସମ୍ପର୍କରେ ପୋଲିସ କୌଣସି ତଥ୍ୟ ପାଇପାରିନାହିଁ।

### ଧାନମଣ୍ଡି ଉଦ୍‌ଘାଟିତ

**ଏରସମା, ୧୭।୧ (ସ୍ୱ.ପ୍ର.):**
ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏରସମା ସେବା ସମବାୟ ସମିତି ପକ୍ଷରୁ ଇତିମଧ୍ୟରେ ଧାନମଣ୍ଡି ଖୋଲାଯାଇଛି। ଏରସମା ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ ମଣ୍ଡି ଉଦ୍‌ଘାଟନ କରିଥିଲେ। ସମିତି ସଭାପତି ରବୀନ୍ଦ୍ରନାଥ ବେହେରା, ସମ୍ପାଦକ କୈଳାସ ଚନ୍ଦ୍ର ଦାସ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଏରସମା ଶାଖା ପରିଚାଳକ ଫକୀର ଚରଣ ସ୍ୱାଇଁ, ଏରସମାର ପୂର୍ବତନ ସମିତି ସଭ୍ୟ ଶଶିଭୂଷଣ ସ୍ୱାଇଁ, ସଭ୍ୟ ସୁରେନ୍ଦ୍ରନାଥ ଚୌଧୁରୀ, ଏରସମା ୧୦୦ଘର କମିଟି ସମ୍ପାଦକ ପ୍ରଭାକର ପଣ୍ଡା, ଚାଷୀ ମନ୍ଦରଧର ସ୍ୱାଇଁ, ସ୍ୱପ୍ନକୁମାର ନାୟକ, ପୁଷ୍ପକ ନାୟକ, ଦେବେନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଚାଷୀମାନେ ପ୍ରତି ବୁଧବାର ଧାନ ବିକ୍ରୟ କରିପାରିବେ।

### ଆଷାଢ଼ ସାହିତ୍ୟ ସଂସଦକୁ ସମ୍ବର୍ଦ୍ଧନା

**ବାଲିଆ, ୧୭।୧:** ବିରିଡି ବ୍ଲକ ଦଳେଇଘାଇସ୍ଥିତ ଆଷାଢ଼ ସାହିତ୍ୟ ସଂସଦକୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତିର୍ତ୍ତୋଲ ଋତୁପର୍ଣ୍ଣା କଳା ସାହିତ୍ୟ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଋତୁପର୍ଣ୍ଣା କଳା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ପାଳନ ଅବସରରେ ଆଷାଢ଼ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଭାପତି କବି ପୀତାମ୍ବର ମହାପାତ୍ରଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁନି ଗୋସେଇଁ ମଠ ଆଦି କବି ଭାବେ ସମ୍ପାଦିକା ରାଜଶ୍ରୀ ସ୍ୱାଇଁ, ଗୋଲକ ବିହାରୀ ପଲାଇ, ପରମା ନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସିଡବ୍ଲ୍ୟୁସିରେ ପହଞ୍ଚିଲେ ମା', ଛୁଆକୁ ନେଲେନି

**ଗୋରେଖନାଥ ପୀଠରୁ ଶିଶୁକନ୍ୟା ଉଦ୍ଧାର ପ୍ରସଙ୍ଗ**

- ଆର୍ଥିକ ଅନଟନ କଥା ବଖାଣିଲେ ମହିଳା
- ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶିଶୁ ଆଶ୍ରମରେ ରହିବ ଶିଶୁ
- ମହିଳାଙ୍କ ବୟାନକୁ ନେଇ ସନ୍ଦେହ

**ଜଗତ୍‌ସିଂହପୁର ଅଫିସ୍, ୧୭।୧**

ଜଗତ୍‌ସିଂହପୁରର ପ୍ରସିଦ୍ଧ ଗୋରେଖନାଥପୀଠରୁ ଗତ ୧୫ ତାରିଖରେ ଏକ ଶିଶୁ କନ୍ୟା ଉଦ୍ଧାର ହେବାପରେ ସ୍ଥାନୀୟ ଶିଶୁ ଆଶ୍ରମରେ ରଖାଯାଇଥିଲା। ଶିଶୁ କନ୍ୟାଟିକୁ କିଏ ଏବଂ କାହିଁକି ଛାଡ଼ି ଚାଲି ଯାଇଥିଲେ ତାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା ବେଳେ ବାଲେଶ୍ୱର ଅଞ୍ଚଳର ରୀତାଞ୍ଜଳି ଭୂୟାଁ ନାମକ ଜଣେ ମହିଳା ଜଗତ୍‌ସିଂହପୁର ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)ରେ ପହଞ୍ଚି ଉଦ୍ଧାର ହୋଇଥିବା ଝିଅ ତାଙ୍କର ବୋଲି ଦାବି କରିଛନ୍ତି। କିନ୍ତୁ ଅର୍ଥାଭାବ କାରଣ ଦର୍ଶାଇ ପିଲାଟିକୁ ନେବା ପାଇଁ ରାଜି ହୋଇନାହାନ୍ତି। ଯେଉଁ କାରଣରୁ ଶିଶୁଟିକୁ ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ଶିଶୁ ଆଶ୍ରମରେ ରଖାଯିବ ବୋଲି ସିଡବ୍ଲ୍ୟୁସି ଅଧ୍ୟକ୍ଷା ବିଶେଶ୍ୱରୀ ମହାନ୍ତି ସୂଚନା ଦେଇଛନ୍ତି। ହେଲେ ନିଜ ପିଲାକୁ ନ ନେବା ପାଇଁ ରୀତାଞ୍ଜଳି ଯାହା କହିଛନ୍ତି, ତାକୁ ନେଇ ତର୍ଜମା ଚାଲିଛି।

ତାଙ୍କ କହିବା ଅନୁସାରେ, ୧୨ଦିନ ପୂର୍ବରୁ ତାଙ୍କ ସ୍ୱାମୀ ଘର ଛାଡ଼ି କେଉଁଆଡେ ଚାଲିଯାଇଥିଲେ। ହେଲେ ଗତ ୧୫ ତାରିଖରେ ସେ ଗୋରେଖନାଥ ପୀଠରେ ଥିବା ସୂଚନା ପାଇ ରୀତାଞ୍ଜଳି ସେଠାରେ ପହଞ୍ଚିଥିଲେ। ସ୍ୱାମୀଙ୍କୁ ଖୋଜିବା ଭିତରେ ଝିଅ ହଜି ଯାଇଥିଲା ବୋଲି ରୀତାଞ୍ଜଳି କହିଛନ୍ତି। ବାସ୍ତବରେ ଏହାର ସତ୍ୟତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗତ ୧୫ ତାରିଖରେ ଗୋରେଖନାଥ ପୀଠରେ ରୀତାଞ୍ଜଳି ଜଣେ ବୃଦ୍ଧଙ୍କୁ ଝିଅଟିକୁ ଧରିବା ପାଇଁ କହି ମନ୍ଦିର ଭିତରକୁ ଯାଇ ଆଉ ଫେରି ନ ଥିଲେ। ତଥାପି କାଳେ ପିଲାଟି ହଜି ଯାଇଥିବ ଭାବି କେତେଜଣ ପୂଜକ, ସ୍ୱେଚ୍ଛାସେବୀ ଦୀର୍ଘ ସମୟ ପର୍ଯ୍ୟନ୍ତ ପୀଠରେ ପିଲାଟିକୁ ରଖିଥିଲେ। ଏ ନେଇ ଚାଇଲ୍ଡ ଲାଇନ୍, ପୋଲିସ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ସୂଚନା ଦିଆଯାଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ କେହି ନ ପହଞ୍ଚିବାରୁ ଶେଷରେ ଶିଶୁଟିକୁ ସିଡବ୍ଲ୍ୟୁସିରେ ହାଜର କରାଯାଇଥିଲା। ଏହାପରେ ତାଙ୍କୁ ସ୍ଥାନୀୟ ଶିଶୁ ଆଶ୍ରମରେ ରଖାଯାଇଥିଲା। ପିଲାଟି ଆଶ୍ରମରେ ଥିବାବେଳେ ଗୁରୁବାର ମହିଳାଜଣକ ସେଠାରେ ପହଞ୍ଚି ନିଜର ଶିଶୁକନ୍ୟାକୁ ନିଜ ଝିଅ ବୋଲି ଦାବି କରିଥିଲେ। କିନ୍ତୁ ଅଧିକ ତଥ୍ୟ, ପ୍ରମାଣ ପାଇଁ ମହିଳାଙ୍କୁ ଶୁକ୍ରବାର ପୁଣି ଥରେ ସିଡବ୍ଲ୍ୟୁସିରେ ହାଜର ହେବାକୁ କୁହାଯାଇଥିଲା। ତେବେ ମହିଳାଜଣକ ସମସ୍ତ କାଗଜପତ୍ର ଦେଖାଇବା ପରେ ପିଲାଟି ତାଙ୍କର ବୋଲି ସ୍ପଷ୍ଟ ହୋଇଥିଲା। ହେଲେ ମହିଳାଜଣକ ଶିଶୁଟିକୁ ସାଥିରେ ନେବାକୁ ରାଜି ନାହାନ୍ତି।

ସେ କହିଛନ୍ତି, ୫ ବର୍ଷ ପୂର୍ବରୁ ସେ କନ୍ଦରପୁର ଥାନା ଅଧୀନ ଦାମୋଦରପୁର ଗାଁର ଜ୍ୟୋତିରଞ୍ଜନ ନାୟକଙ୍କୁ ବିବାହ କରିଥିଲେ। ଜ୍ୟୋତିରଞ୍ଜନ ଭୁବନେଶ୍ୱରର ଏକ ଶୋ' ରୁମ୍‌ରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରନ୍ତି। ସେମାନେ ଭୁବନେଶ୍ୱରରେ ଏକ ଭଡା ଘରେ ରହୁଥିଲେ। ହେଲେ କିଛିଦିନ ପୂର୍ବରୁ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ଜ୍ୟୋତିରଞ୍ଜନ ଘରୁ କୁଆଡ଼େ ଚାଲି ଯାଇଥିଲେ। ରୀତାଞ୍ଜଳି ଏକଥା ମଧ୍ୟ କହିଛନ୍ତି, କିଛିଦିନ ହେଲା ସେ ଅନେକ ସମୟରେ ଭୋକ ଉପବାସରେ କାଳାତିପାତ କରୁଛନ୍ତି। କିନ୍ତୁ ପାଖ ଦୋକାନରୁ ବାକି କରି ଝିଅକୁ ଖାଇବାକୁ ଦେଉଥିଲେ। ଘର ଭଡା ଦେବାକୁ ଟଙ୍କା ନାହିଁ। ବାପ ଘରେ କେହି ନାହାନ୍ତି। ଶାଶୁ ଘର ଲୋକେ ପଚାରୁ ନାହାନ୍ତି। ଝିଅଟିକୁ କେଉଁଠି ଛାଡି ଚାକିରି ଖଣ୍ଡେ ପାଇବା ପାଇଁ ବହୁ ଚେଷ୍ଟା କରି ନିରାଶ ହୋଇଛନ୍ତି। ଏ ପରିସ୍ଥିତିରେ ପିଲାଟିକୁ ପାଖରେ ରଖି ବଡ କରିବା ତାଙ୍କ ପକ୍ଷରେ କଷ୍ଟକର। ତେଣୁ ସେ ଝିଅକୁ ନ ନେବା ପାଇଁ ଅନୁରୋଧ କରିଥିବା ସିଡବ୍ଲ୍ୟୁସି ପକ୍ଷରୁ କୁହାଯାଇଛି। ପରବର୍ତ୍ତୀ ସମୟରେ ମହିଳାଙ୍କ ସ୍ୱାମୀ କିଏ ଏବଂ କେଉଁଠି ଅଛନ୍ତି ଖୋଜାଯିବ। ତା' ପରେ କେଉଁ ପରିସ୍ଥିତିରେ ପିଲାଟିକୁ ମହିଳାଜଣକ ଛାଡି ଚାଲି ଯାଇଥିଲେ ତା'ର ଅନୁଧ୍ୟାନ ହେବ ଓ ଏହାପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସିଡବ୍ଲ୍ୟୁସି ପକ୍ଷରୁ କୁହାଯାଇଛି।

### ଗରାମ ଓ ତିର୍ତ୍ତୋଲରେ ଧାନମଣ୍ଡି ଖୋଲିଲା

**ତିର୍ତ୍ତୋଲ, ୧୭।୧ (ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଗରାମ ସେବା ସମବାୟ ସମିତିରେ ଶୁକ୍ରବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏସସିଆରସି ରଞ୍ଜିତ ସାହୁ, ସମିତି ସଭାପତି ଚିତ୍ତରଞ୍ଜନ ନାୟକ, ସମ୍ପାଦକ ଅଜୟ ରଥ, ଡାଇରେକ୍ଟର ବୋର୍ଡ ସଭ୍ୟ ଡ. କିଶୋର କୁମାର ସାହୁ, ନୀହାର ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୩୦ ଜଣ ଚାଷୀ ଧାନ ବିକ୍ରୟ କରିଥିଲେ। ସେହିପରି ତିର୍ତ୍ତୋଲ ସେବା ସମବାୟ ସମିତିର ନୂତନ ଧାନମଣ୍ଡି ତିର୍ତ୍ତୋଲ କୁମାରୋତ୍ସବ ଜୟପ୍ରକାଶ ମଇଦାନରେ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଜିଲା ପରିଷଦ ସଭ୍ୟ ପ୍ରବୀର ରାୟ ଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମିତି ସଭାପତି ଶଂଶାସୁ ଶେଖର ଦାସ, ସମ୍ପାଦକ ସୁଧୀର କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ଦାସ, ଆଲୋକ ଓଝା, ସନ୍ତୋଷ ମହାନ୍ତି, ଅଭୟ କୁମାର ପଣ୍ଡା, ସମିତିର ପୂର୍ବତନ ସଭାପତି ବିରଞ୍ଚି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଧାନ ମଣ୍ଡିରେ ଧାରଣା ଦେଲେ ଚାଷୀ



ମଣ୍ଡି ଆଗରେ ଉତ୍ତ୍ୟକ୍ତ ଚାଷୀମାନେ।

**ଜଗତ୍‌ସିଂହପୁର ଅଫିସ୍, ୧୭।୧**

ଜଗତ୍‌ସିଂହପୁର ବ୍ଲକ ଅଧୀନ ସଭାମୂଳ ସେବା ସମବାୟ ସମିତିରେ ଚାଲିଥିବା ଧାନ ମଣ୍ଡିରେ ପାଖାପାଖି ୩୦ ଜଣ ଚାଷୀଙ୍କ ଧାନ ରଖା ନ ଯିବାରୁ ଶୁକ୍ରବାର ସେମାନେ ଧାରଣା ଦେଇଥିଲେ। ଏଥିଯୋଗୁ ପାଖାପାଖି ୪ ଘଣ୍ଟା କାଳ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅନେକ ଚାଷୀ ମଣ୍ଡିରେ ଧାନ ଦେଇ ନ ପାରି ହଇରାଣ ହୋଇଥିଲେ। ଜଗତ୍‌ସିଂହପୁର ଏସିଏସ୍‌ଓ ପ୍ରଦ୍ୟୁମ୍ନ ରାଉତରାୟ ଓ ଏଆର୍‌ସିଏସ୍ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ ଧାରଣା ଦେଇଥିବା ଚାଷୀଙ୍କ କୁହନ୍ତି, ସେମାନେ ଧାର୍ଯ୍ୟ ସମୟ ମଧ୍ୟରେ ସଭାମୂଳ ସେବା ସମବାୟ ସମିତିରେ ନାମ ପଞ୍ଜୀକରଣ ପାଇଁ ଆବେଦନ କରିଥିଲେ। କିନ୍ତୁ ସେତେବେଳେ ନେଟ୍ ସମସ୍ୟା ଦର୍ଶାଯାଇ ସମୟ ଗଡ଼ା ଯାଇଥିଲା। ନାମ ପଞ୍ଜୀକରଣ ପାଇଁ ଚିନ୍ତିତ ହେବା ଆବଶ୍ୟକ ନାହିଁ, ଠିକ୍ ସମୟରେ ପଞ୍ଜୀକରଣ ହୋଇଯିବ ବୋଲି ସମିତି ପକ୍ଷରୁ କୁହାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଜଣାପଡିଥିଲା ଯେ ସେମାନଙ୍କ ନାଁ ପଞ୍ଜୀକୃତ ହୋଇନାହିଁ। ସମିତି ପକ୍ଷରୁ ଉଦ୍ଦେଶ୍ୟମୂଳକ ଭାବେ ଏଭଳି କରାଯାଇଛି ବୋଲି ଚାଷୀମାନେ କହିଛନ୍ତି। ଜିଲା ଯୋଗାଣ ଅଧିକାରୀ ଦିଲୀପ କୁମାର ପାତ୍ର କହିଛନ୍ତି, ଯେଉଁମାନଙ୍କ ନାଁ ପଞ୍ଜୀକୃତ ହୋଇନାହିଁ, ସେମାନଙ୍କ ଧାନ ନେବା ସମ୍ଭବ ନୁହେଁ। ସେମାନଙ୍କ ଯୋଗୁ ଅନ୍ୟ ଚାଷୀମାନେ ମଣ୍ଡିରେ ଧାନ ଦେଇପାରି ନ ଥିଲେ। ତେବେ ଅପରାହ୍ନ ୪ଟା ସୁଦ୍ଧା ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରାଯିବାରୁ ମଣ୍ଡି ସ୍ୱାଭାବିକ ଭାବେ ଚାଲିଥିବା ଜଣାପଡ଼ିଛି।

### ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ

**ପାରାଦୀପ, ୧୭।୧ (ସ୍ୱ.ପ୍ର.)**

ପାରାଦୀପ ବନ୍ଦର ସାକ୍ଷରତା ସମିତି ପକ୍ଷରୁ ବନ୍ଦର ଅଞ୍ଚଳରେ ବସବାସ କରୁଥିବା ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଦୁଇଦିନ ହେଲା ମଧୁବନସ୍ଥ ସମିତି କାର୍ଯ୍ୟାଳୟରେ ଆୟୋଜିତ ବଣ୍ଟନ କାର୍ଯ୍ୟକ୍ରମରେ ଲେଡିଜ୍ କ୍ଲବ୍ ସଭାନେତ୍ରୀ ଶୁଭଲକ୍ଷ୍ମୀ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ସଚିବ ବିମଳ କୁମାର ଝା, ଡେପୁଟି ସିଏମ୍‌ଇ ଦୀପକ ରଥ, ସ୍ମିତା ରଥ ପ୍ରମୁଖ ଉପସ୍ଥିତ ଥିଲେ। ସମିତି ସଭ୍ୟାମାନେ ବସ୍ତି ଅଞ୍ଚଳର ଲୋକଙ୍କୁ ଚିହ୍ନଟ କରି ସମିତିକୁ ଆଣିଥିଲେ। ସମିତି ସଂଯୋଜକ ଅଶୋକ କୁମାର ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ଦାବିପତ୍ର

**ପାରାଦୀପ ବନ୍ଦରର ବିଭିନ୍ନ ପ୍ରକଳ୍ପରେ ଦୁର୍ନୀତିର ତଦନ୍ତ ଦାବି**

**ପାରାଦୀପ, ୧୭।୧ (ସ୍ୱ.ପ୍ର.)**
ପାରାଦୀପ ବନ୍ଦରର ବିଭିନ୍ନ ପ୍ରକଳ୍ପରେ ହେଉଥିବା ଦୁର୍ନୀତି ବିରୋଧରେ ଶୁକ୍ରବାର ପ୍ରତିବାଦର ସ୍ୱର ଉଠିଛି। ଏ ନେଇ ଯୁବକ୍ରାନ୍ତି ସେନା ସଂଗଠନ ପକ୍ଷରୁ ଦୁର୍ନୀତି ବିରୋଧୀ ଶୋଭାଯାତ୍ରା ଓ ପରେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସ୍ଥାନୀୟ ଏଡିଏମ୍‌ଙ୍କୁ ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ପାରାଦୀପ ବନ୍ଦର ବିକାଶ କରୁଥିଲେ ହେଁ ସ୍ଥାନୀୟ ଅଞ୍ଚଳରେ ସେପରି ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ। ବର୍ତ୍ତମାନ ଅଧ୍ୟକ୍ଷ ଠିକ୍‌ଭାବେ ଦାୟିତ୍ୱ ତୁଲାଉ ନ ଥିବା ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ପ୍ରଦୂଷଣ ସ୍ଥିତି ମାରାତ୍ମକ ସ୍ତରରେ ପହଞ୍ଚିବା, ତାଳଦଣ୍ଡା କେନାଲର ଦୂଷିତ ପାଣିକୁ ବ୍ୟବହାର କରିବା, ଖରାଦିନେ ଜଳ ସଙ୍କଟ, ବିଭିନ୍ନ ବିଭାଗକୁ ଘରୋଇକରଣ କରିବା, ମହାନଦୀ ମୁହାଣ ସଂଲଗ୍ନ କାଉଡ଼ିଆ ନଦୀ ପାଖରେ ଥିବା ହେନ୍ତାଳ ବଣକୁ କାଟି ନଷ୍ଟ କରିବା ଆଦି କ୍ଷେତ୍ରରେ ଅନିୟମିତତା ହୋଇଥିବା ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସବୁର ତଦନ୍ତ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସଂଗଠନର ଆବାହକ ଗତିକୃଷ୍ଣ ଶତପଥୀଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ଲୋକ ରାଲିରେ ସାମିଲ ହୋଇଥିଲେ। ଏ ନେଇ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ବି କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ସାହିତ୍ୟ ସମାଜକୁ ପରିପୂର୍ଣ୍ଣ କରିଥାଏ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ତିର୍ତ୍ତୋଲ, ୧୭।୧ (ଡି.ଏନ୍.ଏ.)**
ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦାସ୍ଥିତ ଆଦିକବି ସାରଳା ଦାସଙ୍କ ସମାଧିପୀଠ ପରିସରରେ ଇତିମଧ୍ୟରେ ଋତୁପର୍ଣ୍ଣା କଳା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ନିତ୍ୟାନନ୍ଦ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି, ପାରାଦୀପସ୍ଥିତ ଇଫ୍‌କୋର ଡିଜିଏମ୍ ଜ୍ଞାନଚାନ୍ଦ ଆଚାର୍ଯ୍ୟ, ବରେଣ୍ୟ ଅତିଥି ପ୍ରଫେସର ଅଗସ୍ତି କାନୁନ୍‌ଗୋ, ପୂର୍ବତନ ଡେପୁଟି କଲେକ୍ଟର ସୁରେଶ ଚନ୍ଦ୍ର ମହାନ୍ତି, ଡ. ବିଷ୍ଣୁପ୍ରିୟା ଦାସ, ଅଧ୍ୟାପକ ଉମାକାନ୍ତ ନାୟକ, ପତିତପାବନ ହୋତା, ଚିତ୍ତରଞ୍ଜନ ପରିଜା, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଳା ଓ ସାହିତ୍ୟ ସମାଜକୁ ପରିପୂର୍ଣ୍ଣ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକାରୀ ସଭାପତି ଗୋଲୋକ ବିହାରୀ ପଲାଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦିକା ରାଜଶ୍ରୀ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସଂସଦର ମୁଖପତ୍ର 'ଋତୁପର୍ଣ୍ଣା' ଓ ସମ୍ପାଦିକାଙ୍କ ଦ୍ୱାରା ରଚିତ ଗୀତି କବିତା ପୁସ୍ତକ 'ପ୍ରଣୟ ଇସ୍ତାହାର' ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିବା ସହ ପ୍ରତିଭା ଅନ୍ୱେଷଣ 'ମହ୍ଲାର'ର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଶିଶୁ ନୃତ୍ୟଶିଳ୍ପୀ ସାଇ ଋତୁପର୍ଣ୍ଣା ଅତିଥି ଅଭିନନ୍ଦନ ନୃତ୍ୟ ପରିବେଶଣ କରିଥିଲେ। ପରମାନନ୍ଦ ମିଶ୍ର, ଅରୁଣ ସାମନ୍ତରାୟ, ପ୍ରଭାତ ପରିଜା, ନିତ୍ୟାନନ୍ଦ ନାୟକ, ଝୁଲରାମ ଦାସ, ଦିଗମ୍ବର ରାଉତ, ଗୌରହରି ପରିଡା, ଭାଗୀରଥି ପରିଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହସମ୍ପାଦିକା ସବିତା ନାୟକ ଧନ୍ୟବାଦ ଦେଇଥିଲେ।

# ଦୋଷ ଲଦାଲଦି ହେଉଛନ୍ତି ଆର୍‌ଡି-ଜଳସମ୍ପଦ ବିଭାଗ

**୨ ବର୍ଷ ହେଲା ନିର୍ମାଣ ହେଉନି ଫେୟାର ୱେଦର ରୋଡ୍**

**ରାହାମା, ୧୭।୧ (ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ଅଧୀନ କାଠକୋଟ ପଞ୍ଚାୟତର ଗୋବର୍ଦ୍ଧନପୁରରୁ ସାମନ୍ତରାପୁର ପଞ୍ଚାୟତର ଟିପିରି ଯିବାକୁ ହେଲେ ପାଇକା ନଦୀ ପାର ହେବାକୁ ପଡ଼େ। ପ୍ରତିବର୍ଷ ନଭେମ୍ବରରୁ ଜୁନ୍ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ଯାତାୟାତ ନିମନ୍ତେ ଫେୟାର ୱେଦର (ଖରାଦିନିଆ) ରାସ୍ତା ନିର୍ମାଣ କରାଯାଇଥାଏ। ବିଡମ୍ବନାର ବିଷୟ ବିଗତ ଦୁଇ ବର୍ଷ ହେବ ଖରାଦିନିଆ ରାସ୍ତା ନିର୍ମାଣ କରାଯାଉନାହିଁ। ଚଳିତ ବର୍ଷ ଏହା ନିର୍ମାଣ ହେବ କି ନାହିଁ ସାଧାରଣରେ ଆଶଙ୍କା ପ୍ରକାଶ ପାଇଥିବା ବେଳେ ଆର୍‌ଡି ବିଭାଗ ଓ ଜଳ ସମ୍ପଦ ବିଭାଗୀୟ କର୍ତ୍ତୃପକ୍ଷ ପରସ୍ପର ମୁଣ୍ଡରେ ଦୋଷ ଲଦାଲଦି ହେଉଛନ୍ତି। ଆର୍‌ଡି ବିଭାଗ ସହକାରୀ ଯନ୍ତ୍ରୀ ବିଶ୍ୱଜିତ ରାଏଙ୍କୁ ଯୋଗାଯୋଗ କରିବାରେ, ଉକ୍ତ ରାସ୍ତା ଦାୟିତ୍ୱ ଆମର ନୁହେଁ, ଏହାକୁ ଜଳ ସମ୍ପଦ ବିଭାଗ ବୁଝୁଛି ବୋଲି କହିଛନ୍ତି। ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଚିନ୍ମୟ ମହାନ୍ତିଙ୍କୁ ପଚାରିବାରେ ରାସ୍ତା କାମ ଆମର ନୁହେଁ, ଏହାକୁ ଆର୍‌ଡି ବିଭାଗ ବୁଝୁଛି ବୋଲି କହିଛନ୍ତି। ତେବେ ପାଇକା ନଦୀରେ ଏହି ଖରାଦିନିଆ ଅସ୍ଥାୟୀ ରାସ୍ତା କାମ କେଉଁ ବିଭାଗ ଅଧୀନରେ ହୁଏ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ତୁରନ୍ତ ଉକ୍ତ ରାସ୍ତା ନିର୍ମାଣ କରାଯିବା ପାଇଁ ସ୍ଥାନୀୟ ଅଞ୍ଚଳାବସୀ ଦାବି କରିଛନ୍ତି। ସୂଚନାଥାଉ କି, ଏହି ନଦୀପଥରେ ଖରାଦିନିଆ ରାସ୍ତାରେ ଉଭୟ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ପଞ୍ଚାୟତବାସୀ ନିର୍ଭର କରନ୍ତି। କିନ୍ତୁ ୨ ବର୍ଷ ହେବ ରାସ୍ତା ନିର୍ମାଣ କରା ନ ଯିବା ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

## ସାମାଜିକ ବିଜ୍ଞାନ (SOCIAL SCIENCE)

(ii) କୃଷି ଭୂମିର ଆୟତନ ବୃଦ୍ଧି, ଶିକ୍ଷାନୁଷ୍ଠାନ, ଗମନାଗମନ ପଥର ବିସ୍ତୃତି, ଖଣିଜ ପଦାର୍ଥ ଉତ୍ତୋଳନ ଏବଂ ଜଳଭଣ୍ଡାର ଓ ନଦୀ ଉପତ୍ୟକା ଯୋଜନା ଇତ୍ୟାଦି ପାଇଁ ଅରଣ୍ୟ କ୍ଷୟ ହେଉଛି।
(iii) ପ୍ରାକୃତିକ ବିପର୍ଯ୍ୟୟ ତଥା ମାନବୀୟ କାର୍ଯ୍ୟ ଯୋଗୁଁ ଅରଣ୍ୟ କ୍ଷୟ ହେଉଛି।

**କିମ୍ବା,**
(i) ଗାଇ-ଗୋରୁମାନଙ୍କର ମଳମୂତ୍ର ବ୍ୟବହାର କରି ଯେଉଁ ଜୈବଗ୍ୟାସ୍ ଉତ୍ପାଦନ କରାଯାଏ, ତାହାକୁ ଗ୍ରାମାଞ୍ଚଳରେ ଗୋବର ଗ୍ୟାସ୍ ପ୍ଲାଣ୍ଟ କୁହାଯାଏ।
(ii) ରନ୍ଧନ କାର୍ଯ୍ୟରେ ଜାଳେଣି କାଠ ଓ ଗୋବର ଘସି ବଦଳରେ ଏହି ଗ୍ୟାସ୍‌ର ବ୍ୟବହାର ଦ୍ୱାରା ଗଛ ରକ୍ଷା ପାଇଥାଏ ଏବଂ କୃଷି କ୍ଷେତ୍ର ପାଇଁ ଜୈବିକ ସାର ମଧ୍ୟ ମିଳିଥାଏ।
(iii) ଏହାଦ୍ୱାରା ଜୈବଗ୍ୟାସ୍ ଏବଂ ଉତ୍କୃଷ୍ଟ ମାନର ଜୈବିକ ସାର ପାଇବାଦ୍ୱାରା ଚାଷୀ ଦୁଇଆଡ୍ରୁ ଲାଭାନ୍ୱିତ ହୋଇଥାଏ।

(ଖ)(i) ଫେଡାଲଫର ମୃତ୍ତିକା ଲବଣାମ୍ଳଯୁକ୍ତ ଓ ସ୍ୱଳ୍ପ ଜୈବାଂଶବିଶିଷ୍ଟ ହୋଇଥାଏ।
(ii) ଏହା ଏକ ଲାଲ ମୃତ୍ତିକା।
(iii) ଦକ୍ଷିଣ ଭାରତର ବିଭିନ୍ନ ଆର୍ଦ୍ର ଅଞ୍ଚଳରେ ଏହି ପେଡ଼ାଲଫର ମୃତ୍ତିକା ଦେଖାଯାଏ।

**କିମ୍ବା,**
(i) ଏହି କୋଇଲାରେ ଅଙ୍ଗାରକର ପରିମାଣ ଶତକଡ଼ା ୬୦ ଭାଗ।
(ii) ଏହା ଏକ ନିମ୍ନମାନର ଏବଂ ଧୂସର ରଙ୍ଗର କୋଇଲା।
(iii) ଏହି କୋଇଲା ତାମିଲନାଡୁର ନେଭେଲିଠାରେ ମିଳେ ଓ ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ବ୍ୟବହୃତ ହୁଏ।

(ଗ)(i) **ପୂରଣୀୟ ସମ୍ବଳ:** ମନୁଷ୍ୟର ବ୍ୟବହାର ଦ୍ୱାରା ଯେଉଁ ସମ୍ବଳର ପରିମାଣରେ କୌଣସି ହ୍ରାସ ପରିଲକ୍ଷିତ ହୋଇ ନ ଥାଏ, ତାକୁ ପୂରଣୀୟ ବା ଅବିରାମ ସମ୍ବଳ କହନ୍ତି। ଉଦାହରଣ – ସୌରଶକ୍ତି, ପବନଶକ୍ତି ଓ ଜୁଆର ଶକ୍ତି।
(ii) **ଅପୂରଣୀୟ ସମ୍ବଳ:** ଯେଉଁ ସମ୍ବଳ ମନୁଷ୍ୟର ବ୍ୟବହାର ଦ୍ୱାରା ସଂପୂର୍ଣ୍ଣ ଶେଷ ହୋଇଯାଏ; କିନ୍ତୁ ପୁନଃ ସୃଷ୍ଟି କରାଯାଇପାରେ ନାହିଁ ତାହାକୁ ଅପୂରଣୀୟ ସମ୍ବଳ କୁହନ୍ତି। ଉଦାହରଣ-ଖଣିଜ ପଦାର୍ଥ ଓ ଖଣିଜ ତୈଳ।

**କିମ୍ବା,**(i) **କଙ୍କର :** ଭାଙ୍ଗର ମୃତ୍ତିକାର ଚୂନଗୋଡ଼ି ଅଧିକ ପରିମାଣରେ ଥିଲେ ତାହାକୁ କଙ୍କର ମୃତ୍ତିକା ବୋଲି କୁହାଯାଏ। ଏହି ମୃତ୍ତିକା ଗାଙ୍ଗେୟ ସମତଳ ଭୂମିରେ ପ୍ରାୟତଃ ଦେଖାଯାଏ।
**ଖାଦର :** ଗାଙ୍ଗେୟ ସମତଳ ଭୂମିର ନୂତନ ପଟୁ ମୃତ୍ତିକାକୁ ଖାଦର ମୃତ୍ତିକା କୁହାଯାଏ। ଏହା ମୁଖ୍ୟତଃ ନଦୀ ଶଯ୍ୟାର ପ୍ଲାବନଭୂମିରେ ଦେଖାଯାଏ।

(ଘ) (A)(i) ଲୌହ-ଇସ୍ପାତ ଶିଳ୍ପର ଉତ୍ପାଦିତ ଲୌହ ଇସ୍ପାତ ଅନ୍ୟ ମେସିନ ବା କଳକବ୍‌ଜାର କଞ୍ଚାମାଲ ରୂପେ ବ୍ୟବହୃତ ହୁଏ।
(ii) ଲୌହ-ଇସ୍ପାତ ଶିଳ୍ପର ସର୍ବଶେଷ ଉତ୍ପାଦ ଅନ୍ୟ ଏକ ଶିଳ୍ପର କଞ୍ଚାମାଲ ରୂପେ ବ୍ୟବହୃତ ହେଉଥିବାରୁ ଏହି ଶିଳ୍ପକୁ ମୌଳିକ ଶିଳ୍ପ କୁହାଯାଏ।

**କିମ୍ବା,**
(i) ଆଲୁମିନିୟମ୍ ଲୁହା ଭଳି ଶକ୍ତ ଏବଂ ହାଲୁକା।
(ii) ଏହା ତାପ ସୁପରିବାହୀ ଏବଂ ପ୍ରସାରଣଶୀଳ। ତେଣୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ ଅଟେ।

(B)(i) ଭାରତର ପଶ୍ଚିମ ଉପକୂଳ ଅପ୍ରଶସ୍ତ, ଗଭୀର ଓ କମ୍ ଜୁଆର ଦେଖାଯାଏ।
(ii) ତେଣୁ ଏଠାରେ ଜୁଆରିଆ ଅରଣ୍ୟ ଦେଖାଯାଏ ନାହିଁ।

**କିମ୍ବା,**
(i) ଜନସଂଖ୍ୟାର ସ୍ୱଳ୍ପତା ଓ ଅଧିକ ଚାଷଜମି ଥିବା ଅଞ୍ଚଳରେ ବ୍ୟାପକ କୃଷି କରାଯାଏ।
(ii) ବ୍ୟାପକ କୃଷିଭୂମି ଥିବାରୁ ଯାନ୍ତ୍ରିକ ଉପକରଣ ଦ୍ୱାରା କୃଷିକାର୍ଯ୍ୟ କରାଯାଏ।

3. (a)(i) ପୃଥିବୀର ବିଭିନ୍ନ ଦେଶମାନଙ୍କ ମଧ୍ୟରେ ମୁକ୍ତ ଅବାଧ ଓ ନିରପେକ୍ଷ ବାଣିଜ୍ୟ କାରବାର ପ୍ରଚଳନ।
(ii) ଦେଶ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ବଦଳରେ ବହୁପାକ୍ଷିକ ରାଜିନାମାର ପ୍ରବର୍ତ୍ତନ।
(iii) ବିଭିନ୍ନ ଦେଶମାନଙ୍କ ମଧ୍ୟରେ ପୂର୍ବ ପ୍ରଚଳିତ ଆମଦାନି, ରପ୍ତାନୀ ନିୟମ ଓ କଟକଣା ଉଚ୍ଛେଦ କରାଯାଇଛି।

**କିମ୍ବା,**
(i) ବିକାଶୋନ୍ମୁଖୀ ଦେଶଗୁଡ଼ିକର ମୁଖ୍ୟ ଲକ୍ଷଣ ହେଉଛି ଜନସଂଖ୍ୟା ବୃଦ୍ଧି।
(ii) ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ ନ କରି ପାରିବା ଯୋଗୁଁ ସମ୍ବଳ ଉପରେ ଅତ୍ୟଧିକ ଚାପ ପଡ଼େ ଓ ଲୋକମାନଙ୍କ ମୁଣ୍ଡପିଛା ଆୟରେ ଆଶାନୁରୂପ ବୃଦ୍ଧି ପରିଲକ୍ଷିତ ହୋଇପାରେ ନାହିଁ।
(iii) ଏହି ଦେଶମାନଙ୍କରେ ବସବାସ କରୁଥିବା ଅଧିକାଂଶ ଲୋକ ଗରିବ ହୋଇଥାନ୍ତି। ସେମାନଙ୍କ ମୁଣ୍ଡପିଛା ଆୟ କମ୍ ଓ ଜୀବନଯାପନ ମାନ ଅତି ନିମ୍ନ ଧରଣର।

4. (a)(i) **ସରକାରୀ ମାଲିକାନା:** ସରକାରୀ ଉଦ୍ୟମରେ ପ୍ରତିଷ୍ଠିତ ଓ ପରିଚାଳିତ ବିଭିନ୍ନ ଦ୍ରବ୍ୟ ଓ ସେବା ଉତ୍ପାଦନକାରୀ ସଂସ୍ଥା, ଯଥା- ଭାରତୀୟ ରେଳ ବିଭାଗ ଓ ଡାକ ବିଭାଗ ସରକାରୀ ମାଲିକାନାରେ ଥାଆନ୍ତି। ଏମାନେ ଜନକଲ୍ୟାଣ ପାଇଁ କାମ କରନ୍ତି।
(ii) **ଘରୋଇ ମାଲିକାନା:** ଭାରତର କୃଷି ଓ ଘରୋଇ କଳକାରଖାନା ବ୍ୟକ୍ତି ବିଶେଷଙ୍କ ମାଲିକାନାରେ ଥିବାରୁ ଏହାକୁ ଘରୋଇ ମାଲିକାନା କହନ୍ତି। ଏମାନେ ଲାଭ ଆଶାରଖି କାର୍ଯ୍ୟ କରିଥାନ୍ତି।

**କିମ୍ବା,**
(i) **ଜାତୀୟ ଖାଉଟି କମିଶନ :** ଜାତୀୟ ସ୍ତରରେ ଖାଉଟି ଅଦାଲତକୁ ଜାତୀୟ ଖାଉଟି କମିଶନ ବୋଲି କୁହାଯାଏ। ଆମ ଦେଶରେ ଏହାର କାର୍ଯ୍ୟାଳୟ ଦିଲ୍ଲୀରେ ଅବସ୍ଥିତ।
(ii) **ରାଜ୍ୟ ଖାଉଟି କମିଶନ :** ରାଜ୍ୟ ସ୍ତରରେ ଖାଉଟି ଅଦାଲକୁ ରାଜ୍ୟ ଖାଉଟି କମିଶନ ବୋଲି କୁହାଯାଏ। ଓଡ଼ିଶାରେ ଏହାର କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଅବସ୍ଥିତ।

❑❑❑



ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି ଅତି ମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।
-ଭଲ୍ଟାୟାର



# ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକୁ ବେଖାତିର

**ଯାଜପୁର ଅଫିସ,୧୭।୧**

ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଆଦୌ ଭୃକ୍ଷେପ କରୁନାହାନ୍ତି। ଏପରିକି ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଉଚ୍ଚଶିକ୍ଷା ବିଭାଗର ଅନୁରୋଧ ଦୀର୍ଘ ୧ ବର୍ଷ ହେଲା କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅବମାନନା ହୋଇପାରେ ବୋଲି ଉଚ୍ଚଶିକ୍ଷା ବିଭାଗର ଅଧସ୍ଥନ ସଚିବ ଆଶଙ୍କା ପ୍ରକାଶ କରିଛନ୍ତି। ପୁଣି ଥରେ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଯାଜପୁର ଜିଲା ଚିତାଲୋ ଡିଗ୍ରୀ କଲେଜରେ ପିଜି କୋର୍ସ ପାଇଁ ନୀରିକ୍ଷଣ କରି ଆସନ୍ତା ୧୫।୨।୨୦୨୦ ସୁଦ୍ଧା ନିଶ୍ଚିତ ଭାବେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି।

ଯାଜପୁର ଜିଲା ଗ୍ରାମାଞ୍ଚଳରେ ଉଚ୍ଚଶିକ୍ଷା ପାଇବାରୁ ଛାତ୍ରୀଛାତ୍ର ବଞ୍ଚିତ ହେଉଛନ୍ତି। ଶିକ୍ଷା ବିଭାଗର ଅଦୂରଦର୍ଶିତା ଓ ଆନ୍ତରିକତାର ଅଭାବ ଏଥିପାଇଁ ଦାୟୀ ବୋଲି କୁହାଯାଉଛି। ଜିଲାର କେତେକ କଲେଜରେ ବିଭିନ୍ନ ବିଷୟରେ ସ୍ନାତୋକତ୍ତର(ପିଜି) ଶିକ୍ଷା ବ୍ୟବସ୍ଥା ନ ଥିବାରୁ ସ୍ଥାନୀୟ ଛାତ୍ରୀଛାତ୍ର କଟକ, ଭୁବନେଶ୍ୱର କିମ୍ବା ଅନ୍ୟତ୍ର ଶିକ୍ଷାନୁଷ୍ଠାନକୁ ଯାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଯାଜପୁର ଜିଲାର କେତେକ କଲେଜ ଏଥିପାଇଁ ଆବେଦନ କରିଥିଲେ ହେଁ ସେଥିପ୍ରତି ଦୃଷ୍ଟି ନ ଦେବା ସମ୍ପୃକ୍ତ ବିଶ୍ୱବିଦ୍ୟାଳୟର ଅଧିକାରୀଙ୍କ କାର୍ଯ୍ୟ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହିକ୍ରମରେ ବର୍ଷାଧିକ କାଳ ହେଲା ଯାଜପୁର ଜିଲାର ଚିତାଲୋ ଡିଗ୍ରୀ କଲେଜ, ଚଣ୍ଡିଖୋଲ ବାବା ଭୈରାବାନନ୍ଦ(ବିବି) ସ୍ୱୟଂଶାସିତ କଲେଜ ଓ ଛତିଆ ମହାପୁରୁଷ ହାଡିଦାସ ଡିଗ୍ରୀ କଲେଜରେ ବିଭିନ୍ନ ବିଷୟରେ ପିଜି ଶିକ୍ଷା, ସିଟ ବୃଦ୍ଧି, ବିଜ୍ଞାନ ଆଦି ଖୋଲିବା ପାଇଁ ଆବେଦନ କରିଥିଲେ ହେଁ ତାହା ଝୁଲି ରହିଛି। ଏହି ମାମଲା ହାଇକୋର୍ଟ ପର୍ଯ୍ୟନ୍ତ ପହଞ୍ଚିଛି। ଏହାପରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପତ୍ରସଂଖ୍ୟା ୧୫୨/ଏଚଇ ୩।୧।୨୦୨୯ରେ ଚିତାଳେ ଡିଗ୍ରୀ କଲେଜକୁ ନୀରିକ୍ଷଣରେ ଯାଇ ପିଜି କୋର୍ସ ଖୋଲିବାକୁ ଉପଯୁକ୍ତ କି ନୁହେଁ ସେ ନେଇ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। ୨୦୧୯ ଜାନୁୟାରୀ ଶେଷ ସୁଦ୍ଧା ଏହି କାର୍ଯ୍ୟ ସମ୍ପନ୍ନ କରିବାକୁ ପତ୍ରରେ ଦର୍ଶାଯାଇଥିଲା। କିନ୍ତୁ ଆଞ୍ଚଳିକ ନିର୍ଦ୍ଦେଶାଳୟ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏହି ସମୟରେ ଚିତାଲୋ କଲେଜ ସମ୍ପାଦକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ଡବ୍ଲ୍ୟୁପି(ସି) ନଂ-୨୦୫୬୨/୨୦୧୯ରେ ଏକ ମାମଲା ରୁଜୁ ହୋଇଛି। ଏହାପରେ ହାଇକୋର୍ଟ ପକ୍ଷରୁ ୧୬।୧୧।୨୦୧୯ରେ ଶୁଣାଣି କରି ଆଇନ ଅନୁସାରେ ୩ମାସ ମଧ୍ୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଛି। ଇତିମଧ୍ୟରେ ଏହି ନିର୍ଦ୍ଦେଶର ୨ମାସ ଅତିକ୍ରାନ୍ତ ହୋଇସାରିଛି। ହେଲେ ଶିକ୍ଷା ବିଭାଗ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଇ ପାରିନାହିଁ। ସୂଚନାଯୋଗ୍ୟ ଯେ, ଚିତାଲୋ ଡିଗ୍ରୀ କଲେଜରେ ଏଜୁକେଶନ, ରାଜନୀତି ବିଜ୍ଞାନ, ସୋସିଓଲୋଜି, ସଂସ୍କୃତ ଓ ଇତିହାସ ବିଷୟରେ ପିଜି(ଏମଏ) ଖୋଲିବାକୁ ପ୍ରସ୍ତାବ ରହିଛି। ବିଜ୍ଞାନରେ ବୋଟାନି, କେମେଷ୍ଟ୍ରି, କମ୍ପ୍ୟୁଟର ସାଇନ୍ସ, ଗଣିତ ଓ ଜୁଓଲୋଜି ବିଷୟରେ ପିଜ(ଏମଏସସି) ଖୋଲିବାର ପ୍ରସ୍ତାବ ଦିଆଯାଇଛି। ଏହାସହ ବାଣିଜ୍ୟରେ ପିଜି(ଏମକମ) ଖୋଲିବା ସହିତ ଯୁକ୍ତତିନି କଳା ଓ ବିଜ୍ଞାନରେ ସିଟ ସଂଖ୍ୟା ବୃଦ୍ଧି ପାଇଁ ଆବେଦନ କରାଯାଇଛି। ସେହିପରି ଚଣ୍ଡିଖୋଲ ବାବା ଭୈରବାନନ୍ଦ ସ୍ୱୟଂଶାସିତ କଲେଜ ଏବଂ ଛତିଆ ମହାପୁରୁଷ ହାଡିଦାସ ଡିଗ୍ରୀ କଲେଜରେ ଅନର୍ସ ବିଷୟ ସହିତ ଯୁକ୍ତତିନି ବିଜ୍ଞାନ ବିଷୟ ଖୋଲିବାକୁ ଆବେଦନ କରାଯାଇଛି। ପୂର୍ବରୁ ଏନେଇ ଶିକ୍ଷା ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୧୧୧୧/୭।୨।୨୦୧୯, ୩୪୪୪/୧୪।୫।୨୦୧୯ ଏବଂ ସରକାରୀ ପତ୍ରସଂଖ୍ୟା ୧୭୨୫୦/ଏଚଇ/୨୬।୮।୨୦୧୯ରେ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଯୁଗ୍ମ ତଦନ୍ତ କରିବାକୁ ନିର୍ଦ୍ଦେଶ ହୋଇଛି। ଏହିକ୍ରମରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଅଧସ୍ଥନ ସଚିବ ରଞ୍ଜନ କୁମାର ନାୟକ ତାଙ୍କ ପତ୍ରସଂଖ୍ୟା ୧୬।୧।୨୦୨୦ରେ ପୁଣି ଥରେ ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକଙ୍କ ସହ ଏକ ଯୁଗ୍ମ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି।

- ପିଜି ଶିକ୍ଷାରୁ ବଞ୍ଚିତ ଗ୍ରାମାଞ୍ଚଳ ଛାତ୍ରୀଛାତ୍ର
- ପୁଣି ତଦନ୍ତ ନିର୍ଦ୍ଦେଶ ଦେଲେ ଅଧସ୍ଥନ ସଚିବ
- ପିଜି କୋର୍ସ ପାଇଁ ତଦନ୍ତ କରିବାକୁ ନାରାଜ
- ଫେବୃୟାରୀ ୧୫ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ

## ସଂକ୍ଷେପରେ

### ମା'ଙ୍କୁ ମାଡ଼ ମାରି ଜେଲ ଗଲେ ପୁଅ

**ରସୁଲପୁର,୧୭।୧(ଡିଏନଏ):** ରସୁଲପୁର ବ୍ଲକ ଶ୍ରୀବନ୍ତପୁର ପଞ୍ଚାୟତରେ ଜଣେ ପୁଅ ମା'ଙ୍କୁ ମାଡ଼ ମାରି ଜେଲ ଯାଇଥିବା ଦେଖିବାକୁ ମିଳିଛି। ଅଭିଯୁକ୍ତ ପୁଅର ନାମ ଚାନୁ ଖାନ୍(୩୦) ବୋଲି ଜଣାପଡିଛି। ପ୍ରକାଶ ଯେ, ଅଭିଯୁକ୍ତ ଚାନୁ ଗତ କିଛିଦିନ ଧରି କେରଳରେ ରହି ଆସୁଛନ୍ତି। ସେ କିଛିଦିନ ତଳେ ଗାଁକୁ ଫେରିଥିଲେ, ମାତ୍ର ଘରକୁ ନ ଯାଇ ପିଉସୀ ଘରେ ରହୁଥିଲେ। ଏ ନେଇ ପୁଅକୁ ମା ହଜୁ ବିବି(୫୦) ପଚାରିବାରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପୁଅ ଚାନୁ ମା'ଙ୍କୁ ମାଡ଼ ମାରିଥିଲେ। ଏନେଇ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କୁଆଖିଆ ପୋଲିସ ଏକ ମାମଲା (ନଂ-୧୮/୨୦) ରୁଜୁ କରିବା ସହ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ବରୁଣେଶ୍ୱର ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଉଦ୍‌ଘାଟିତ

**ବିଞ୍ଝାରପୁର ୧୭।୧(ଡି.ଏନ.ଏ):** ଅଗ୍ରଣୀ ଶିକ୍ଷାନୁଷ୍ଠାନ ବରୁଣେଶ୍ୱର ମହାବିଦ୍ୟାଳୟର ଶୀତକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର କୀର୍ତ୍ତନ ବିହାରୀ ସାମଲଙ୍କ ଅଧକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ସାଧୁଗୌଡ଼େଶ୍ୱର କଲେଜ ଅଧକ୍ଷ ଦୈତାରୀ ସାମଲ ଯୋଗଦେଇ ଶିବିରର ଲକ୍ଷ୍ୟ, ଶିବିରାର୍ଥୀଙ୍କ କର୍ମ, କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପକ ଦିଲ୍ଲୀପ ପ୍ରଧାନ ଓ ନୃସିଂହ ଧଳ ପିଲାଙ୍କୁ ଉଦବୋଧନ ଦେଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟ ଓ ନିଷ୍ପାଦକ ଅଧାପକ ସୁବ୍ରତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପିକା ସ୍ନେହାଞ୍ଜଳୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରକାଶ ଥାଉକି, ଶିବିରାର୍ଥୀମାନେ ବରୁଣେଶ୍ୱର ମେଳା ପଡିଆର ପ୍ରତ୍ୟହ ସଫେଇ, ଶୃଙ୍ଖଳା ରକ୍ଷା କରିବା ସହ ବହୁ ଅସହାୟ ଶ୍ରଦ୍ଧାଳୁଙ୍କୁ ସହଯୋଗ କରିବା ସହିତ ମେଳାରେ ବ୍ୟବସାୟୀଙ୍କୁ ଶିବିରାର୍ଥୀମାନେ ସ୍ୱଚ୍ଛତା ସମ୍ପର୍କରେ ସଚେତନତା ସୃଷ୍ଟି କରିପାରିଛନ୍ତି।

### ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର

**ଡୁବୁରୀ/କଳିଙ୍ଗନଗର,୧୭।୧(ଡିଏନଏ):** କଳିଙ୍ଗନଗର ଥାନା ବାଘୁଆପାଳ ଡ୍ୟାମ ନକଟ ବିଲ ମଝିରେ ଥିବା ଏକ ଗଛରୁ ଶୁକ୍ରବାର ସକାଳେ ଝୁଲନ୍ତା ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ତାଙ୍କ ବୟସ ପ୍ରାୟ ୫୦ବର୍ଷ ହେବ। ସେ ଫୁଲ ପ୍ୟାଣ୍ଟ ଜ୍ୟାକେଟ ଓ ସ୍ୱେଟର ପିନ୍ଧିଛନ୍ତି। ଏକ ମହୁଲ ଗଛ ଡାଳରେ ପ୍ଲାଷ୍ଟିକ ରଶିରେ ଝୁଲି ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଗଛମୂଳରୁ ପୋଲିସ ଏକ ମଦ ବୋତଲ, ବ୍ୟାଗ ଓ ସେଠାରେ ପଡିଥିବା ଏକ ଟ୍ରେନ ଟିକେଟ ଜବତ କରିଛି। ଯେଉଁ ଟିକେଟରେ ଟାଙ୍ଗିରିଆପାଳଠାରୁ ଭୁବନେଶ୍ୱର ବୋଲି ଉଲ୍ଲେଖ ରହିଛି। ମୃତ ବ୍ୟକ୍ତି ବାହାର ଅଞ୍ଚଳର ହୋଇଥିବା ସନ୍ଦେହ କରାଯାଉଛି। ତେବେ ସେ କିପରି ଓ କାହିଁକି ଆତ୍ମହତ୍ୟା କଲେ ତାହା ପୋଲିସ ତଦନ୍ତ କରୁଛି।

## ଟ୍ରକ୍ ଧକ୍କାରେ ବାଇକ ଆରୋହୀ ମୃତ

**ଧର୍ମଶାଳା,୧୭।୧(ଡିଏନ୍ଏ):** ଧର୍ମଶାଳା ଥାନା ୧୬ନଂ ଜାତୀୟ ରାଜପଥରେ ଶୁକ୍ରବାର ଏକ ଟ୍ରକ ସହିତ ବାଇକର ମୁହାମୁହିଁ ଧକ୍କା ହେବା ଫଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ କଟକ ଜିଲା ମାହାଙ୍ଗା ଥାନା କୁସୁପୁର ଗ୍ରାମର ଆଦିତ୍ୟ ବିକ୍ରମ ବର୍ମା (୨୬) ବୋଲି ଜଣାପଡିଛି। ଆଦିତ୍ୟ କିଛି ବର୍ଷ ହେଲା ଜାରକା ଅଞ୍ଚଳରେ ଥିବା ଏକ ଜିମ୍ ସେଣ୍ଟରରେ ପ୍ରଶିକ୍ଷକଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ସେ କୌଣସି ଏକ କାମରେ ବାଇକ ଯୋଗେ ଚଣ୍ଡିଖୋଲ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଓଡି୦୪ଏନ୍୧୭୮୫ ନମ୍ବର ବିଶିଷ୍ଟ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଧର୍ମଶାଳା ଉକ୍ତରଖାନରେ ଭର୍ତ୍ତି କରାଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଧର୍ମଶାଳା ପୋଲିସ ଏ ସମ୍ପର୍କରେ ଏକ ମାମଲା (ନଂ.୨୪/୨୦) ରୁଜୁ କରି ଦୁର୍ଘଟଣାଗ୍ରସ୍ତ ବାଇକ ଓ ଟ୍ରକକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବଡଚଣା ପଠାଇ ଘଟଣାର ତଦନ୍ତ କରୁଛି।

## କାର୍ତ୍ତିକେୟ କପ୍ ଉଦ୍‌ଘାଟିତ: ନୀଳାମ୍ବରପୁର, କାଏମା ବିଜୟୀ



ଉଦ୍‌ଘାଟନ ସମୟରେ ଉପସ୍ଥିତ ଅତିଥି ଓ ଦୁଇ ଦଳର ଖେଳାଳି।

**ଚଣ୍ଡିଖୋଲ,୧୭।୧(ଡିଏନଏ)**

ବଡ଼ଚଣା ବ୍ଲକ ସୁଙ୍ଗୁଡ଼ା ଖେଳ ପଡ଼ିଆରେ ଚାଲୁଥିବା ଖବରଦାତା ଅନିରୁଦ୍ଧ ସାମନ୍ତରାୟ ଓ ଅଶୋକ ପାତ୍ର ସ୍ମାରକୀ କାର୍ତ୍ତିକେୟ କପ୍ ଉଦଘାଟନୀ ମ୍ୟାଚରେ ନିଳାମ୍ବରପୁର କ୍ରିକେଟ ଟିମ୍ ଓ କାଏମା କ୍ରିକେଟ ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ନିଳାମ୍ବରପୁର କ୍ରିକେଟ ଟିମ ୧୦୮ ରନ ସଂଗ୍ରହ କରିଥିଲା। ଜବାବରେ ରମ୍ଭେଇ ଟିମ ୫୧ ରନରେ ସମସ୍ତ ୱିକେଟ ହରାଇ ପରାସ୍ତ ହୋଇଥିଲା। ଦ୍ୱିତୀୟ ଖେଳରେ ପ୍ରଥମେ ବ୍ୟାଟିଂ କରି ଛତିଆ କ୍ରିକେଟ ଟିମ ନିର୍ଦ୍ଧାରିତ ୧୦ଓଭରରେ ୫୧ରନ ସଂଗ୍ରହ କରିଥିଲା। ୧୫୨ରନ ବିଜୟ ଲକ୍ଷ କରି କାଏମା କ୍ରିକେଟ ଟିମ କୌଣସି ୱିକେଟ ନ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା। ଏହି ଖେଳରେ ବିଜୟୀ ୨ଦଳର ଅବିନାଶ ନାୟକ ଓ ଶକ୍ତିନନ୍ଦନ ଜେନା ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଏହି ଖେଳକୁ ସନ୍ଦୀପ ରାଉତ, ଆଶୁତୋଷ ମହାରଣା ପରିଚାଳନା କରିଥିଲେ। ଖେଳକୁ ସୁଙ୍ଗୁଡ଼ା ସରପଞ୍ଚ ଚାଚାଲିନ ସ୍ୱାଇଁ ଉଦଘାଟନ କରିଥିଲେ। ଉପସଭାପତି ପ୍ରକାଶ ରାଉତ ଉପଦେଷ୍ଟା ସମରେନ୍ଦ୍ର ମାହାଲା ଉପସ୍ଥିତ ଥିଲେ।

## ପୂର୍ବତନ ପ୍ରଶାସନିକ ଅଧିକାରୀଙ୍କ ପାଇଁ ସ୍ମୃତିଚାରଣ ସଭା

**ରସୁଲପୁର,୧୭।୧(ଡିଏନଏ):** ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ଇଚ୍ଛାପୁର ଗ୍ରାମର ସହକାରୀ ନିର୍ବାହୀ ଯନ୍ତ୍ରୀ ପରମାନନ୍ଦ ପଣ୍ଡାଙ୍କ ବିୟୋଗରେ ଶୁକ୍ରବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଜିତେନ୍ଦ୍ର କୁମାର କର, ବେଣୁଧର ଦୋବାଇ, ଦଶରଥ ସାହୁ, ଶଶିଭୂଷଣ ଦୁଆରୀ, ସୁଦାମ ଚରଣ ରାଉତ, ଗୌରାଙ୍ଗ ଚରଣ ଖୁଣ୍ଟିଆ, ପୂର୍ଣ୍ଣଚନ୍ଦ୍ର ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ, ଜନ୍ମେଜୟ ପଣ୍ଡା, ବିଚିତ୍ରାନନ୍ଦ ରାଉତ, ନିରୁପମା ପଣ୍ଡା, ପାଣ୍ଡବ ଚରଣ ଦାସ, ରାଜକିଶୋର ଆଏଚ ପ୍ରମୁଖ ଯୋଗଦେଇ ପଣ୍ଡା ଜନସ୍ୱାସ୍ଥ୍ୟ ବିଭାଗରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟକରି ଅବସର ନେଇଥିଲେ। ସେ ପ୍ରତ୍ୟେକ ବର୍ଷ ଦୁଃଖିଦରିଦ୍ରଙ୍କୁ ବସ୍ତ୍ର ଓ କମ୍ବଳ ପ୍ରଦାନ କରୁଥିଲେ। ପ୍ରାରମ୍ଭରେ ବିଭୁତି ଭୂଷଣ ପଣ୍ଡା ଗୀତାପାଠ କରିବା ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

## ରଘୁନାଥପୁର ପ୍ୟାକ୍ସରେ ଖୋଲିଲା ଧାନମଣ୍ଡି



ରଘୁନାଥପୁର ପ୍ୟାକ୍ସରେ ଧାନମଣ୍ଡି ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ବିଞ୍ଝାରପୁର,୧୭।୧(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକ ରଘୁନାଥପୁର ପ୍ୟାକ୍ସରେ ଚଳିତ ବର୍ଷର ଧାନମଣ୍ଡି ଶୁକ୍ରବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ରଘୁନାଥପୁର ପ୍ରାଥମିକ କୃଷି ସମବାୟ ସମିତି ସଭାପତି ଲକ୍ଷ୍ମୀଧର ନାୟକଙ୍କ ଅଧ୍ୟକ୍ଷତାରେ ମଣ୍ଡି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ଶାଖା ପରିଚାଳକ ଜାନକୀକାନ୍ତ ମହାନ୍ତି ଯୋଗଦେଇ କୃଷକଙ୍କୁ ମଣ୍ଡି ସମ୍ପର୍କିତ ସଂଶୋଧିତ ଆଇନ ସମ୍ପର୍କରେ ବୁଝାଇଥିଲେ। ଚାଷୀଙ୍କ କଷ୍ଟ ଉପାର୍ଜିତ ଧାନ କାରବାରରେ ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କଏଣା-ରଘୁନାଥପୁର ଗ୍ରାପର ସମିତି ସଭ୍ୟ ମାନସ ରଞ୍ଜନ ଦାସ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ଜେନା, ସନ୍ତୋଷ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଧାନମଣ୍ଡି ଖୋଲିବା ପରେ ଏହି ପ୍ୟାକ୍ସ ମାଧ୍ୟମରେ କଏଣା-ରଘୁନାଥପୁର ଓ ଚନ୍ଦ୍ରମୁଁ ଗ୍ରାପର ଚାଷୀ ସେମାନଙ୍କର ବଳକା ଧାନକୁ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ବିକ୍ରି କରି ଲାଭବାନ ହୋଇପାରିବେ।

## ଅନ୍ତର୍ଜାତୀୟ ଚିତ୍ରକଳା ପ୍ରତିଯୋଗିତାରେ ଛାତ୍ରଙ୍କ କୃତିତ୍ୱ

**ରସୁଲପୁର,୧୭।୧(ଡିଏନଏ)**

ରସୁଲପୁର ବ୍ଲକ ବଡକଇଁଚି ପଞ୍ଚାୟତ ଗୋପିନାଥପୁର ଗ୍ରାମର ୮ମ ଶ୍ରେଣୀ ଛାତ୍ର ଅର୍ପିତ କୁମାର ପତି ୩ୟ ଅର୍ନ୍ତଜାତୀୟ ଚିତ୍ରକଳା ମହୋତ୍ସବରେ ସଫଳତା ଅର୍ଜନ କରିଛନ୍ତି। ଭୁବନେଶ୍ୱରସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଅର୍ପିତ ଅଂଶଗ୍ରହଣ କରିଥିଲେ। ସେ ଧର୍ମଶାଳା ହରିଦାସପୁରସ୍ଥିତ ଗୁରୁକୁଳ ପବ୍ଲିକ ସ୍କୁଲର ଷ୍ଟାଣ୍ଡାର୍ଡ ୮ରେ ଅଧ୍ୟୟନରତ। ଏହି ଚିତ୍ରକଳା ପ୍ରଦର୍ଶନୀରେ ସେ ଶ୍ରବଣ କୁମାର ଅନ୍ଧମୁକ ବଧିର ବାପା ଓ ମା'ଙ୍କୁ ଭାରରେ ବୋହି ତୀର୍ଥ ଯିବାର ଦୃଶ୍ୟ ଆଙ୍କିଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା ଚିତ୍ରକଳା ଏହି ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ମାତ୍ର ଅର୍ପିତଙ୍କ ଚିତ୍ର କଳା ବିଚାରକଙ୍କ ମନକୁ ଛୁଇଁ ଥିଲା। ତାଙ୍କର ଏହି ଚିତ୍ରକଳା ପାଇଁ ତାଙ୍କୁ ଧଉଳି ଆର୍ଟ ଫେଷ୍ଟିଭାଲରେ



ଚିତ୍ରକଳା ପ୍ରତିଯୋଗିତାରେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ପୁରସ୍କୃତ କରାଯାଇଥିଲା। ଏଠାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସଂସ୍କୃତି ବିଭାଗ ଶାସନ ସଚିବ ମନୋସ୍ୱିନୀ ସାହୁ, ପ୍ରଫେସର ହୃଷିକେଶ ମିଶ୍ର, ମିହିର କଣ୍ଠ ପ୍ରହରାଜ, ଅଧକ୍ଷ ପଞ୍ଚାନନ ସାମଲ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅର୍ପିତଙ୍କ ସଫଳତାକୁ ନେଇ ତାଙ୍କ ବିଦ୍ୟାଳୟର ସମସ୍ତ ଶିକ୍ଷିକାଶିକ୍ଷକମାନେ ଖୁସି ବ୍ୟକ୍ତ କରିଛନ୍ତି। ଏ ନେଇ ତାଙ୍କ ନିକଟକୁ ବିଭିନ୍ନ ସ୍ଥାନରୁ ଶୁଭେଚ୍ଛାର ବାର୍ତ୍ତା ଛୁଟିଛି।

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଧାନ କିଣା

**କୋରେଇ, ୧୭।୧(ସ୍ୱ.ପ୍ର):** ପ୍ରଥମ ଥର ପାଇଁ ଶୁକ୍ରବାର କୋରେଇ ବ୍ଲକ ମୂଳାପାଳ ପଞ୍ଚାୟତ ଗୋବିନ୍ଦପୁର ରାମେଶ୍ୱର ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ଚାଷୀଙ୍କଠାରୁ ଧାନକ୍ରୟର ଶୁଭାରମ୍ଭ କରାଯାଇଛି। ଏହି କେନ୍ଦ୍ରକୁ ମୁଖ୍ୟ ଅତିଥିଭାବେ ମିଶନ ଶକ୍ତି ଅଧିକାରୀ ପ୍ରିୟଙ୍କା ମହାନ୍ତି, ସମ୍ମାନିତ ଅତିଥିଭାବେ ଯୁବ ସମାଜସେବୀ ଗୋଲକ ଚନ୍ଦ୍ର ମାଝୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ସ୍ୱୟଂସହାୟକ ଗୋଷ୍ଠୀ ସଭାପତି କାଞ୍ଚନ ଜେନା, ସମ୍ପାଦିକା ଲକ୍ଷ୍ମୀପ୍ରୀୟା ବେହେରାଙ୍କ ସମେତ ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ। ଏହା ଅଧିନରେ ମୋଟ ୧୨୩ ଜଣ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଛି।

## ଜଙ୍ଗଲରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା: ଜଣେ ଅଟକ

**ଡୁବୁରୀ,୧୭।୧(ଡିଏନଏ)**

ଝୁମ୍ପାଣ ମକର ମେଳାକୁ ବୁଧବାର ଆସି ନିଖୋଜ ଥିବା ଜଣେ ଯୁବତୀଙ୍କ ମୃତଦେହ ଗୁରୁବାର କମାରଶାଳିଆ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ଏହି ଘଟଣାରେ ଶୁକ୍ରବାର ପୋଲିସ ହାତିମୁଣ୍ଡା ଗାଁର ଜଣେ ଯୁବକଙ୍କୁ ଅଟକ ରଖି ପଚରା ଉଚରା ଚଳାଇଛି। ଘଟଣାର ମୁଖ୍ୟ କୁହାଯାଉଥିବା ହାତିମୁଣ୍ଡା ଗାଁର ଅନ୍ୟଜଣେ ଯୁବକ ଫେରାର ଥିବା ଜଣାଯାଇଛି। ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କାରେ ପୋଲିସ ଅଟକ ବ୍ୟକ୍ତିଙ୍କ ନାଁ ପ୍ରକାଶ କରିବାକୁ ମନା କରିଦେଇଛି।

ପ୍ରକାଶ ଯେ, ସୁକିନ୍ଦା ଥାନା ପଣଶପାଳ ଗାଁର ମଙ୍ଗଳ ଜାରିକାଙ୍କ ଝିଅ ପାଲ (୨୦) ବୁଧବାର ଝୁମ୍ପାଣ ମକରମେଳାକୁ ବୁଲିବାକୁ ଆସିଥିଲେ। ସେଠାରୁ ସେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ହେଁ ତାଙ୍କୁ ପାଇ ନ ଥିଲେ। ପରଦିନ ଜଙ୍ଗଲରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଥିବା ନେଇ କଳିଙ୍ଗନଗର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା (ନଂ. ୮/୨୦) ରୁଜୁ କରି ତଦନ୍ତ ଚଳାଇଛି।

## ଦୁର୍ଘଟଣା ପରେ ଜଳିଗଲା ବାଇକ୍, ଟ୍ରକ୍

### ବାଇକ ଚାଳକ ଗୁରୁତର

**ରସୁଲପୁର, ୧୭।୧(ଡିଏନଏ)**



ଟ୍ରକ୍ ଓ ବାଇକ୍‌ରେ ନିଆଁ ଲାଗିଯାଇଛି।

ରସୁଲପୁର ବ୍ଲକ ୧୬ନଂ ଜାତୀୟ ରାଜପଥର ପୁରୁଣା କୁଆଖିଆ ଥାନା ସମ୍ମୁଖରେ ଶୁକ୍ରବାର ଏକ ବାଇକ ସହ ଟ୍ରକ ଧକ୍କା ହେବାରୁ ଉଭୟ ଗାଡି ଜଳିଯାଇଛି। ବାଇକ୍ ଚାଳକ କଲିକତାର ସେକ୍ ଏନ ଉଦ୍ଦିନ(୩୩) ଗୁରୁତର ହୋଇଥିବା ଜଣାପଡ଼ିଛି। ଉକ୍ତ ଯୁବକ ଜାତୀୟ ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା ଦିଲୀପ ବିଲ୍ଡକନ କମ୍ପାନୀର ଜଣେ କର୍ମଚାରୀ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି।

ପ୍ରକାଶ ଯେ, ଏକ ଟ୍ରକ (ନଂ. ଏପି୩୧ଟିଜି୯୫୪୯) କଟକ ଆଡକୁ ଯାଉଥିବାବେଳେ ସମ୍ମୁଖରେ ଯାଉଥିବା ବାଇକ୍ (ନଂ. ଓଆର୦୪ଜି୯୭୧୬)କୁ ପଛପଟୁ ଧକ୍କା ଦେଇଥିଲା। ମୋଟର ସାଇକେଲଟି ଟ୍ରକ ତଳେ ପଶି ଯାଇଥିଲାବେଳେ ବାଇକ୍ ଆରୋହୀ ଟ୍ରକ ତଳେ ଫସି ରହିଥିଲେ। ରସୁଲପୁର ଦମକଳ ବାହିନୀ ପକ୍ଷରୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ତେବେ ବାଇକଟି ରାସ୍ତା ଉପରେ ଘଷି ହୋଇଯିବାରୁ ଟାଙ୍କିରୁ ପେଟ୍ରୋଲ ବାହାରି ନିଆଁ ଲାଗିଯାଇଥିଲା। ଏହି ନିଆଁ କ୍ରମଶଃ ଟ୍ରକରେ ଲାଗି ଯିବାରୁ ଉଭୟ ଗାଡି ଜଳିଯାଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି। ଆହତ ବ୍ୟକ୍ତିଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ପଲିଥିନ, ପ୍ଲାଷ୍ଟିକ ବ୍ୟବହାର ଉପରେ ଲାଗୁନି ଅଙ୍କୁଶ

**ରସୁଲପୁର,୧୭।୧(ଡିଏନଏ)**

୨ ଅକ୍ଟୋବର, ୨୦୧୯ରୁ ରାଜ୍ୟର ପ୍ରମୁଖ ସହରଗୁଡିକରେ ପ୍ଲାଷ୍ଟିକ ବ୍ୟବହାରକୁ ସରକାର ନିଷିଦ୍ଧ ଘୋଷଣା କରିଛନ୍ତି। ଏଥିସହ ୨ବର୍ଷ ମଧ୍ୟରେ ସମଗ୍ର ରାଜ୍ୟର ଗାଁ ଗଣ୍ଡା ଓ ଗାଁ ସଂଲଗ୍ନ ସହରାଞ୍ଚଳକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଘୋଷଣା କଲେ। ସାମଗ୍ରିକଭାବେ ଏହି ଦାୟିତ୍ୱ ପରିବେଶ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗକୁ ଦିଆଯାଇଛି। ଏହାବାଦ୍ ପ୍ଲାଷ୍ଟିକ ବନ୍ଦକୁ ତଦାରଖ କରିବା ପାଇଁ ୨ଟି ବିଭାଗକୁ ସଂଯୋଗ କରାଯାଇଛି। ସହାରାଞ୍ଚଳରେ ପ୍ଲାଷ୍ଟିକ ବ୍ୟବହାରକୁ ନିୟନ୍ତ୍ରଣ କରିବା ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ନ୍ୟସ୍ତ ଥିବାବେଳେ ଗ୍ରାମାଞ୍ଚଳରେ ପ୍ଲାଷ୍ଟିକ ନିୟନ୍ତ୍ରଣ ଭାର ପଞ୍ଚାୟତିରାଜ ବିଭାଗକୁ ଦିଆଯାଇଛି। ତେବେ ଏହା ଭିତରେ ୪ମାସ ବିତିବାକୁ ବସିଲାଣି। ହେଲେ ପଲିଥିନ ଓ ହାନିକାରକ ପ୍ଲାଷ୍ଟିକ ବ୍ୟବହାର ଉପରେ ରୋକ ଲଗାଇବା ପାଇଁ ପ୍ରୟାସ କରାଯାଉଥିବା ଭଳି ମନେ ହେଉନାହିଁ। ନିକଟରେ ଯାଜପୁର ଜିଲାର କୁଆଖିଆ ଓ ଧର୍ମଶାଳା ଅଞ୍ଚଳରେ ଶେଷ ହୋଇଥିବା ୨ଟି ମହୋତ୍ସବ ସ୍ଥଳକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ବାରି ହୋଇପଡୁଛି। ଏହି ଦୁଇଟି ସ୍ଥାନରେ ପ୍ରାୟତଃ ଦୁଇ ସପ୍ତାହ ଧରି ଉତ୍ସବ ପାଳନ ହେଲା। ମହୋତ୍ସବ ପଡିଆରେ ମୀନା ବଜାରଠାରୁ ଆରମ୍ଭ କରି ଫାଷ୍ଟଫୁଡ୍ ଦୋକାନ, ନାନା ପ୍ରକାର ଦୋଳି, ଚାଟ୍, ଗୁପ୍‌ଚୁପ୍, ଟି ଷ୍ଟଲ, ରାଜ୍ୟ ବାହାରର ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ, ଷ୍ଟଲ ଆଦି ଯାବତୀୟ ଦୋକାନ ଖୋଲିଲା। ବିଭିନ୍ନ ସ୍ଥାନରୁ ମହୋତ୍ସବକୁ ଆସିଥିବା ଶ୍ରଦ୍ଧାଳୁମାନେ ଉତ୍ସବ ଓ ନାନା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ମନପସନ୍ଦର ସାମଗ୍ରୀ କିଣି ଫେରିଗଲେ। ଅପରପକ୍ଷରେ ବ୍ୟବସାୟୀମାନେ ଭଲ ବ୍ୟବସାୟ କରି ଲାଭବାନ ବି ହେଲେ। ହେଲେ ସାଙ୍ଗରେ ଆଣିଥିବା ବିଷାକ୍ତ ପ୍ଲାଷ୍ଟିକ୍‌କୁ ଛାଡି ଚାଲିଗଲେ। ମହୋତ୍ସବ ପଡିଆରେ



- ଗାଁ ଗଣ୍ଡା ଓ ଗାଁ ସଂଲଗ୍ନ ସହରାଞ୍ଚଳକୁ ପ୍ଲାଷ୍ଟିକମୁକ୍ତ ଉଦ୍ୟମ ବିଫଳ
- ଗ୍ରାମ୍ୟ ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ବିଭାଗର ପଦକ୍ଷେପ ଶୂନ

ବିକ୍ଷିପ୍ତ ଭାବେ ପଡିଥିବା ପଲିଥିନ ଓ ପ୍ଲାଷ୍ଟିକ ଖଣ୍ଡଗୁଡିକ ବନ୍ଦ କରିବାରେ ବିଭାଗ ବିଫଳ ହୋଇଛି। ଏହିସବୁ ମହୋତ୍ସବ ଗ୍ରାମାଞ୍ଚଳ ବଜାରରେ ହେଉଥିବାରୁ ଏହାକୁ ରୋକିବା ପାଇଁ ପଞ୍ଚାୟତିରାଜ ବିଭାଗ ଦାୟିତ୍ୱରେ ଥିବାବେଳେ ବିଭାଗ ପକ୍ଷରୁ ଏନେଇ ସଚେତନତା ବାର୍ତ୍ତାଟିଏ ବି ଦିଆଯାଇ ନ ଥିଲା। ଏହାଛଡା ପଞ୍ଚାୟତିରାଜ ବିଭାଗର ବିଭିନ୍ନ ଅଧିକାରୀ ମହୋତ୍ସବ ସ୍ଥଳକୁ ଏକାଧିକ ଥର ଅତିଥି ହୋଇ ଆସିଛନ୍ତି। ମାତ୍ର ଏ ଦିଗରେ ପଦଟିଏ ବି ଭାଷଣ ମାଧ୍ୟମରେ କହି ନାହାନ୍ତି। ଯଦିଓ ମହୋତ୍ସବ କମିଟି ପକ୍ଷରୁ ପଡିଆରେ ବିକ୍ଷିପ୍ତ ହୋଇପଡିଥିବା ବ୍ୟବହୃତ ପଲିଥିନ ଓ ପ୍ଲାଷ୍ଟିକଗୁଡିକୁ ସଫା କରାସରିଛି, କିନ୍ତୁ ସେଗୁଡ଼ିକୁ ଠିକ୍‌ଭାବେ ପରିଚଳନା କରାଯାଇ ନାହିଁ। ଖୋଲାରେ ସେଗୁଡିକୁ ପୋଡି ଦିଆଯାଇ ଥିବାରୁ ସେଥିରୁ ନିର୍ଗତ ଦୁର୍ଗନ୍ଧରେ ପରିବେଶ ଦୂଷିତ ହୋଇଛି। ଅସ୍ୱାସ୍ଥ୍ୟକର ପରିବେଶ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ପ୍ରଭାବିତ କରୁଛି। ଏହିଭଳି ଆଚରଣ ମୁଖ୍ୟମନ୍ତ୍ରୀଙ୍କ ପରିବେଶ ସୁରକ୍ଷା ଯୋଜନା ସଫଳ ହେବା ଦିଗରେ ବାଧକ ସାଜୁଛି ବୋଲି କୁହାଯାଉଛି। ସମଗ୍ର ରାଜ୍ୟକୁ ଆସନ୍ତା ୨ବର୍ଷରେ ପ୍ଲାଷ୍ଟିକମୁକ୍ତ କରିବା ସହ ପ୍ରତ୍ୟେକ ପରିବାର ନିଜ ବାଡିରେ ବୃକ୍ଷରୋପଣ କରିବାକୁ ଅନୁରୋଧ କରାଯାଇଛି। ତେବେ ଏହିସବୁ ପ୍ରୟାସ ଓ ଘୋଷଣା କେବଳ କାଗଜକଲମରେ ସୀମିତ ଥିବା ଭଳି ମନେହେଉଛି। ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ଉପରେ ରୋକ ଲାଗିବା ପାଇଁ କେହି ଯତ୍ନବାନ ନ ଥିବାବେଳେ ଏ ଦିଗରେ ସାମଗ୍ରିକ ପ୍ରୟାସ କରା ନ ଗଲେ ଅବା ପ୍ଲାଷ୍ଟିକ ଓ ପଲିଥିନର ବିକଳ୍ପ ସାମଗ୍ରୀ ପ୍ରଚଳନ ଉପରେ ଗୁରୁତ୍ୱ ଦିଆ ନ ଗଲେ ପ୍ଲାଷ୍ଟିକ ବନ୍ଦ କେମିତି ହେବ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତ ପ୍ରକାଶ ପାଇଛି। ଏ ଦିଗରେ ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କୁ ପଚାରିବାରୁ, ଏହା ନିଶ୍ଚିତ ହେବା କଥା ବୋଲି ସ୍ୱୀକାର କରିଛନ୍ତି। ତେବେ ଆଗାମୀ ଦିନରେ ଏ ଦିଗରେ ନିଶ୍ଚିନ୍ତ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ପ୍ରେସ୍‌କ୍ଲବ ଧର୍ମଶାଳା-ବ୍ଲକ ପ୍ରଶାସନ ମଧ୍ୟରେ କ୍ରିକେଟ ମ୍ୟାଚ୍ ଆଜି

ଧର୍ମଶାଳା,୧୭।୧(ଡିଏନ୍‌ଏ)- ଧର୍ମଶାଳା ବ୍ଲକ ଜାରକା କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା କେଡିଏମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅବସରରେ ଶନିବାର ଅପରାହ୍ନରେ ପ୍ରେସକ୍ଲବ ଧର୍ମଶାଳା ଏବଂ ବ୍ଲକସ୍ତରୀୟ ପ୍ରଶାସନିକ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ମ୍ୟାଚରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ମ୍ୟାଚର ଶୁଭାରମ୍ଭ କରିବେ। ଉଭୟ ଦଳ ପକ୍ଷରୁ ଖେଳାଳୀ ତାଲିକା ପ୍ରସ୍ତୁତ ହେବା ସହ ସମସ୍ତ ପ୍ରକାର ପ୍ରସ୍ତୁତି ହୋଇସାରିଛି। ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚକୁ ଉପଭୋଗ କରିବା ପାଇଁ ବହୁ ସଂଖ୍ୟାରେ ଦର୍ଶକ ଯୋଗଦେବା ପାଇଁ ଫାଉଣ୍ଡେଶନ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ନିବେଦନ କରିଛନ୍ତି।

### ଜାଲପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା

ଯାଜପୁର ଟାଉନ,୧୭।୧(ଡିଏନଏ)- ଯାଜପୁର ବ୍ଲକ ଜାଲପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଜା ପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତାଭାବେ ବ୍ଲକ୍ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଅଭୟ ବିଶ୍ୱାଳ ଯୋଗଦେଇ କ୍ରୀଡ଼ାର ମହତ୍ୱ ଓ ଉପକାରିତା ଉପରେ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିବାବେଳେ ଅନ୍ୟତମ ଅତିଥିଭାବେ ଶିକ୍ଷାବିତ ଭିମସେନ୍ ପତି ଉପସ୍ଥିତ ଥିଲେ। ଏହି ବିଦ୍ୟାଳୟରେ ଅନେକ ଛାତ୍ରୀଛାତ୍ର ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଙ୍କର୍ଷଣ ସାହୁ, ଅରୁଣ ମହାନ୍ତି, ଅଜୟ କୁମାର ରାଉଳ ପ୍ରମୁଖ ଯୋଗଦେଇ ଥିଲେ। ବିଦ୍ୟାଳୟର ବିଭିନ୍ନ ବିଭାଗରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ଜାଲପୁର ଉ.ପ୍ରା ବିଦ୍ୟାଳୟର ଶିକ୍ଷକ କୈଳାସ ଚନ୍ଦ୍ର ବିହାରୀ ପରିଚାଳନା କରିଥିଲେ।

### ବିଭିନ୍ନ ସ୍ଥାନରେ ମକର ମେଳା, ଟୁସୁ ମେଳଣ

କାଳିଆପାଣି,୧୭।୧(ଡିଏନଏ)- ସୁକିନ୍ଦା ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ ମକର ମେଳା ଓ ଟୁସୁ ମେଳଣ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କାଳିଆପାଣି ପଞ୍ଚାୟତର ଗୁରୁଜଙ୍ଗ, ଟିଙ୍ଗୁଡ଼ିପାଳ ପଞ୍ଚାୟତର ରଗଡା ଓ ଅରଡ଼ାପାଳ, କୁହିକା ପଞ୍ଚାୟତର କୁହିକା ଓ ନିକଟସ୍ଥ ଢେଙ୍କାନାଳ ଜିଲାର ଅନଳ, ଓଡ଼ିଶ ବ୍ରହ୍ମକୁଣ୍ଡ, ଦର୍ଜନୀ ଆଦି ସ୍ଥାନର ଦେବୀ ଓ ଶୈବ ପୀଠଗୁଡ଼ିକରେ ମକର ସଂକ୍ରାନ୍ତି ଉପଲକ୍ଷେ ମକର ମେଳା ଆୟୋଜନ କରାଯାଇଥିଲା। କୁଡୁମୀ ମହାନ୍ତ ସମ୍ପ୍ରଦାୟର ମହିଳାମାନେ ଟୁସୁ ମେଢକୁ ସୁସଜ୍ଜିତ ବିମାନରେ ମେଳାସ୍ଥାନକୁ ନେଇ ପ୍ରଦର୍ଶିତ କରିଥିଲେ। ଟୁସୁ ମେଢ ସହ ଯାଉଥିବା ମହିଳାମାନେ ନିଜ ପାରମ୍ପରିକ ଟୁସୁ ଗୀତ, ଝୁମର ଗୀତ ଗାନ କରି ଯାଉଥିବା ଦେଖିବାକୁ ମିଳିଥିଲା। ଏହିକ୍ରମରେ ବ୍ରହ୍ମକୁଣ୍ଡରେ ୧୦ରୁ ଉର୍ଦ୍ଧ୍ୱ ଓ ରଗଡାରେ ୧୨ଟି ଟୁସୁ ମେଢ ପ୍ରଦର୍ଶିତ ହୋଇଥିଲା। ଦୁଇ ସ୍ଥାନରେ ତାର ମୁଲ୍ୟାୟନ କରାଯାଇଥିଲା। ରଗଡାରେ ଶୀତଳବସା ଟୁସୁମେଢ ପ୍ରଥମ, ଟିଙ୍ଗୁଡ଼ିପାଳ ଟୁସୁ ମେଢ ଦ୍ୱିତୀୟ, ଟୁଭିନାଳୀ ଟୁସୁମେଢ ତୃତୀୟ ସ୍ଥାନଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲା। ଦେବୀ ଓ ଶୈବ ପୀଠଗୁଡ଼ିକରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସହ ବିଭିନ୍ନ ଦୋକାନ ବଜାରରେ ଭିଡ଼ ଦେଖିବାକୁ ମିଳିଥିଲା। ଏହି ମକର ମେଳାରେ ଦେବୀ ଓ ଶୈବ ପୀଠଗୁଡ଼ିକରେ ପୂଜାର୍ଚ୍ଚନା କରାଯାଇ ମକର ଚାଉଳ ଭୋଗ ପ୍ରସ୍ତୁତ କରି ଶ୍ରଦ୍ଧାଳୁଙ୍କୁ ପ୍ରଦାନ କରାଯାଇଥିଲା।

# ପରିବେଶ ମଞ୍ଜୁରୀ ପାଇଁ ରିପୋର୍ଟରେ ଚଞ୍ଚକତା

**ଯାଜପୁର ଅଫିସ,୧୭।୧**



## ପ୍ରସ୍ତାବିତ ଚେଟିନାଡ ସିମେଣ୍ଟ କାରଖାନା
- ୧୦୦ ମିଟର ମଧ୍ୟରେ ରହିଛି ୭ ଗାଁ
- ବିସ୍ଥାପନ କରିବାକୁ କମ୍ପାନୀ ନାରାଜ

କଳିଙ୍ଗନଗର ଯଖପୁରା ମୌଜାରେ ଚେଟିନାଡ ସିମେଣ୍ଟ କର୍ପୋରେଶନ ପ୍ରାଇଭେଟ ଲିଃ କାରଖାନା ପ୍ରତିଷ୍ଠା ପାଇଁ ପରିବେଶ ମଞ୍ଜୁରୀ ସକାଶେ ମିଥ୍ୟା ରିପୋର୍ଟ ଦାଖଲ କରିଛି। ୬।୩।୨୦୧୯ରେ ଦାନଗଦି ଭବନଠାରେ ଅନୁଷ୍ଠିତ ଜନଶୁଣାଣିକୁ ଚଞ୍ଚକତା କରି କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପାଖରେ ଆବେଦନ କରାଯାଇଛି। ଏଥିରେ ୬୦୦ଜଣ ପରିବର୍ତ୍ତେ ୨୦୯ ଜଣ ଅଞ୍ଚଳବାସୀଙ୍କ ଲିଖିତ ବିରୋଧକୁ ଚଞ୍ଚକତା କରି ସ୍ଥାନ ଦିଆଯାଇଛି। ତେବେ ବିଡମ୍ବନା ଯେ, ପ୍ରସ୍ତାବିତ ଚେଟିନାଡ ସିମେଣ୍ଟ କାରଖାନାର ୧୦୦ ମିଟର ମଧ୍ୟରେ ୭ଟି ଗ୍ରାମ ରହିଥିଲେ ହେଁ କୌଣସି ଗ୍ରାମକୁ ବିସ୍ଥାପନର ଆବଶ୍ୟକତା ନାହିଁ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏପରିକି ଇଆଇଏ ରିପୋର୍ଟରେ ପ୍ରସ୍ତାବିତ କାରଖାନାର ୧୦ କି.ମି. ମଧ୍ୟରେ କୌଣସି ଗ୍ରାମ ନାହିଁ ବୋଲି ଉଲ୍ଲେଖ କରାଯାଇଛି। ଦାନଗଦି ତହସିଲ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ଜଙ୍ଗଲ କିସମ ଜମିରେ ଏହି କାରଖାନା ହେଉଥିବା ଜଣାପଡ଼ିଛି। କିନ୍ତୁ ପରିବେଶ ମଞ୍ଜୁରୀ ଆବେଦନପତ୍ରରେ କମ୍ପାନୀ କର୍ତ୍ତୃପକ୍ଷ କୌଣସି ଜଙ୍ଗଲ, ନାଳ ଆଦି ନାହିଁ ବୋଲି ଦର୍ଶାଇଛନ୍ତି। ଏଭଳି ମିଥ୍ୟା ରିପୋର୍ଟ ପ୍ରକାଶ ପାଇବା ପରେ ସମ୍ପୃକ୍ତ ଅଞ୍ଚଳବାସୀ ତଥା ପରିବେଶ ସୁରକ୍ଷା ସମିତି ପକ୍ଷରୁ ଉଦବେଗ ପ୍ରକାଶ ପାଇବା ସହ ପ୍ରଭାବିତ ଲୋକଙ୍କୁ ବିସ୍ଥାପନ ନ କଲେ କାରଖାନାକୁ ତୀବ୍ର ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଯାଜପୁର ଜିଲା କଳିଙ୍ଗନଗରରେ ନବେ ଦଶକରୁ ଶିଳ୍ପାୟନ ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ଓ ବିସ୍ଥାପନ ଦାବି ଅସମାହିତ ହୋଇ ରହିଆସିଛି। ଫଳରେ ଅଞ୍ଚଳବାସୀ ଆଉ କାରଖାନା ପ୍ରତିଷ୍ଠା ଉପରେ ଭରସା ରଖି ପାରୁନାହାନ୍ତି। ଜନଶୁଣାଣିରେ ଗଦାଗଦା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭୁଆଁ ବୁଲାଇ ବିଭିନ୍ନ କାରଖାନା ପ୍ରତିଷ୍ଠା ହୋଇଛି। ମାତ୍ର କ୍ଷତିଗ୍ରସ୍ତ ଓ ପ୍ରଭାବିତ ଲୋକଙ୍କ ନିଯୁକ୍ତି, ଥଇଥାନ, ଜମି କ୍ଷତିପୂରଣ, ପାରିପାର୍ଶ୍ୱିକ ଉନ୍ନୟନକୁ ବହୁ କ୍ଷେତ୍ରରେ ଉପେକ୍ଷା ହୋଇଆସିଛି । ଏହିକ୍ରମରେ ଯଖପୁରା ମୌଜାରେ ଚେଟିନାଡ ସିମେଣ୍ଟ କର୍ପୋରେସନ ପ୍ରାଇଭେଟ ଲିଃ କାରଖାନା ପ୍ରତିଷ୍ଠା ଯୋଜନା ଅଯୌକ୍ତିକ ବୋଲି ଗତ ୬।୩।୨୦୧୯ରେ ଦାନଗଦି ଭବନଠାରେ ଏସପିସିବି ପକ୍ଷରୁ ଆୟୋଜିତ ଜନଶୁଣାଣିରେ ଲୋକେ ମତବ୍ୟକ୍ତ କରିଥିଲେ। ପ୍ରାୟ ୬୦୦ ଲୋକ ଲିଖିତ ଓ ୪୭ ଜଣ ତାଙ୍କ ମତାମତରେ କାରଖାନାକୁ ବିରୋଧ କରିଥିଲେ। ଏହାବାଦ ପ୍ରଥମେ କାରଖାନା ଦ୍ୱାରା ପ୍ରଭାବିତ ଲୋକଙ୍କୁ ବିସ୍ଥାପନ, ସ୍ଥାନୀୟ ନିଯୁକ୍ତି, ସ୍ୱାସ୍ଥ୍ୟ, ଗମନାଗମନ, ପରିବେଶ ସୁରକ୍ଷା ଆଦି ସମସ୍ୟାର ସମାଧାନ କରିବା ସର୍ତ୍ତ ରଖି କେତେକ କମ୍ପାନୀକୁ ସ୍ୱାଗତ କରିଥିଲେ। ତେଣୁ ଗତ ୨୦୧୯ ମାର୍ଚ୍ଚ ୧୫ରେ ଅଞ୍ଚଳବାସୀ ଏନେଇ ଏସ୍‌ପିସିବିର ସଦସ୍ୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯାଜପୁର ଜିଲା ଦାନଗଦି ତହସିଲ ଯଖପୁରା ମୌଜାର ଖାତା ନମ୍ବର ୪୧୯ରେ ପ୍ରତିଷ୍ଠା ହେବାକୁ ଯାଉଥିବା ଚେଟିନାଡ ସିମେଣ୍ଟ ପ୍ରକଳ୍ପର ଜମି ଝାଟି ଜଙ୍ଗଲ, ଶାଳ ଜଙ୍ଗଲ ଓ ଶାଳୁଆ ଜଙ୍ଗଲ ବୋଲି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି। ଯଦ୍ୱାରା ଜଙ୍ଗଲ ଜମିରେ ସିମେଣ୍ଟ କମ୍ପାନୀ ପ୍ରତିଷ୍ଠା ଅନୁମତିକୁ ସାଧାରଣରେ ବିରୋଧ କରାଯାଇଛି। ଏହାସହ କାରଖାନା ପ୍ରତିଷ୍ଠା ହେଲେ କୁଡୁମୀସାହି, କଚେରୀଗାଁ, ଅରାସାହି, ଦଶମାଣିଆ, ବରପାଳ, ମହୁଲିପାଳ ଓ ଯଖପୁରା ଗ୍ରାମର ସମୁଦାୟ ପ୍ରାୟ ୩୦ ହଜାର ଲୋକ ସିଧାସଳଖ ପ୍ରଦୂଷଣ ଯୋଗୁ ପ୍ରଭାବିତ ହେବେ। ତଥାପି ଜନଶୁଣାଣିକୁ ଚଞ୍ଚକତା କରି ଚେଟିନାଡ କମ୍ପାନୀ ପକ୍ଷରୁ ପରିବେଶ ମଞ୍ଜୁରୀ ସକାଶେ ଆବେଦନ କରାଯାଇଛି। ଏହି ତହସିଲ ଅନ୍ତର୍ଗତ ଯଖପୁରା ଗ୍ରାମରେ ବର୍ଷକୁ ୨x୧.୦ ମିଲିୟନ ଟନ ପୋର୍ଟଲ୍ୟାଣ୍ଡ ପୋଯୋଲୋନା ସିମେଣ୍ଟ(ପିପିସି), ପୋର୍ଟଲ୍ୟାଣ୍ଡ ସ୍ଲାଗ ସିମେଣ୍ଟ(ପିଏସସି), ଓପିସି ଏବଂ ଭୂମିଷ୍ଠ ବ୍ଲାଷ୍ଟ ଫର୍ନାସ ସ୍ଲାଗର ଉତ୍ପାଦନ କରିବ ବୋଲି ପ୍ରସ୍ତାବ ରହିଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ, ନିର୍ଦ୍ଧାରିତ ସମୟ ଅନୁସାରେ ଜନଶୁଣାଣି ହୋଇଥିଲା। ଜନଶୁଣାଣିର ରିପୋର୍ଟ ଆଧାରରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବିବରଣୀ ପ୍ରଦାନ କରାଯାଇଛି। ତେବେ ପରିବେଶ ମଞ୍ଜୁରୀ ସକାଶେ ଏକ କମିଟି ନିଷ୍ପତ୍ତି ନେବ।

### ଓଡ଼ିଆ କବିତା ପାଠୋତ୍ସବ

**ସିଂହପୁର,୧୭।୧(ଡିଏନଏ)**

ସିଂହପୁର ଖରସ୍ରୋତା ମହାବିଦ୍ୟାଳୟ ସାଂସ୍କୃତିକ ପରିଷଦର ୪୩ତମ ବାର୍ଷିକ ଉତ୍ସବ ପ୍ରଥମ ଦିବସରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସେଥିରେ ଅଧ୍ୟକ୍ଷ ସୁବୋଧ ନାୟକଙ୍କ ସଭାପତିତ୍ୱରେ ସାଂସ୍କୃତିକ ପରିଷଦ ଉପସଭାପତି ଅଧ୍ୟାପକ ଶ୍ରୀକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଉପସଭାପତି ଅଧ୍ୟାପକ ଗଗନ ବିହାରୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଶିଷ୍ଟ କବି ଶ୍ରୀହରି ଧଳ, ମହାମାୟାର ସମ୍ପାଦକ ପ୍ରମୋଦ ପ୍ରଧାନ, କବି ଶରତ ନାୟକ, ନିଖିଳ ସାମଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ କବିତା ରଚନା ପାଇଁ ପ୍ରେରିତ କରିଥିଲେ। ଉପସଭାପତି ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ମିହିର ରାଉତ, ଅଧ୍ୟାପିକା ଅର୍ପିତା ସ୍ୱାଇଁ, ଜ୍ୟୋତିପ୍ରଭା ମହାନ୍ତି ସଭା ପରିଚାଳନା କରିଥିଲେ। ପ୍ରଧାପକ ସତ୍ୟବ୍ରତ ପାଢୀ, ଘନଶ୍ୟାମ ଜେନା, ସୁବାଷ ଚନ୍ଦ୍ର ସାହୁ, ମୀନକେତନ ତ୍ରିପାଠୀ, ପଦ୍ମନାଭ ବେହରା, ପର୍ଶୁରାମ ସାହୁ, ଚିତ୍ତରଞ୍ଜନ ଗୁରୁ, ଅଧ୍ୟାପିକା ନିଳାବତୀ ପଣ୍ଡା, ସ୍ମିତସ୍ମିତା ନାୟକ, ଗ୍ରନ୍ଥାଗାରିକ ପ୍ରଣୟ ଥାଟୋଇ, ଅଶୋକ ସାମଲ, କୈଳାସ ମିଶ୍ର, ପବିତ୍ର ମୋହନ ସାହୁ, ଯୋଗେନ୍ଦ୍ର ସୁତାରଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ। ୭୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

## ‘ନିଜ ପାଇଁ ନିଜେ ସଚେତନ ହେବା ଜରୁରୀ’

**ଯାଜପୁର ଅଫିସ,୧୭।୧**

### ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ


ଉଦ୍‌ଯାପନୀ ଉତ୍ସବରେ ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ୩୧ ତମ ଜାତୀୟ ସଡକ ସୁରକ୍ଷା ସପ୍ତାହର ଉଦଯାପନୀ କାର୍ଯ୍ୟକ୍ରମ ଶୁକ୍ରବାର ଗୌତମବୁଦ୍ଧ ସଂସ୍କୃତିଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଖୋଲ ଆରଟିଓ ଲାଲମୋହନ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ଏସପି ଚରଣସିଂ ମୀନା ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ପାଇଁ ନିଜେ ସଚେତନ ହେଲେ ସଡକ ସୁରକ୍ଷା ସହ ଜୀବନ ମଧ୍ୟ ରକ୍ଷା ହୋଇପାରିବ ବୋଲି କହିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୁର୍ଘଟଣା ହ୍ରାସ କରିବାକୁ ହେଲେ ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣକୁ ସଜାଡିବା ନିହାତି ଆବଶ୍ୟକତା ରହିଛି ବୋଲି ପରାମର୍ଶ ଦେଇଥିଲେ। ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ ସଡକ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ। ସହକାରୀ ଜିଲାପାଳ ତିଲୋତ୍ତମା ପୃଷ୍ଟି ସଭା ପରିଚାଳନା କରିଥିବାବେଳେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନଟିଆ କାଟୁନ କରୁଥିବା ସ୍ମୃତିରଞ୍ଜନ ଦାସ ନିଜ ଅଭିନୟ ଓ ମନୋରଞ୍ଜନ ମାଧ୍ୟମରେ ସଡକ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ଯାଜପୁର ଆରଟିଓ ରବୀନ୍ଦ୍ରନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଏକ ଶୋଭାଯାତ୍ରା ସହର ପରିକ୍ରମ କରି ସଡକ ସୁରକ୍ଷାର ବାର୍ତ୍ତା ଦିଆଯାଇଥିଲା।

## ବାଳିକା ଆତ୍ମସୁରକ୍ଷା ସମ୍ପର୍କିତ ଜାତୀୟ କର୍ମଶାଳା

**ଯାଜପୁର ଟାଉନ,୧୭।୧(ଡିଏନଏ)**

ଯାଜପୁରର ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ସମ୍ପର୍କିତ ୨ ଦିନିଆ ଜାତୀୟ କର୍ମଶାଳା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଫକୀର ମୋହନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉଦ୍‌ଘାଟକଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ନାରୀ ସମାଜ ସୃଷ୍ଟି କରୁଥିବାବେଳେ ନିଜକୁ ସୁରକ୍ଷିତ ରଖିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ରାଜସ୍ଥାନ ସକ୍ଷମ ସୋସାଇଟି ର ସଭାପତି ରାଜେନ୍ଦ୍ର କୁମାର ସିଂ ଯୋଗଦେଇ ଇତିହାସରେ ଓଡ଼ିଶା ମହିଳାଙ୍କର ଅନେକ ବୀରତ୍ୱ ଗାଥା ରହିଛି ବୋଲି କହିବା ସହ ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥିଭାବେ ବାଳିକା ଆତ୍ମସୁରକ୍ଷା ଅଭିଯାନର ରାଜ୍ୟ ଉପଦେଷ୍ଟା ନିବେଦିତା ଜେନା ନାରୀ ହିଁ ସୃଷ୍ଟି ଓ ନାରୀ ହିଁ ବିନାଶର କାରଣ ହୋଇପାରେ ବୋଲି କହିଥିଲେ। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହରିପ୍ରସାଦ ପଟ୍ଟନାୟକ ଆତ୍ମସୁରକ୍ଷାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ବରିଷ୍ଠ ପ୍ରାଧ୍ୟାପକ ବଟକୃଷ୍ଣ ମହାପାତ୍ର ଯୋଗଦେଇ ଜଣେ ଚିନ୍ତା କଲେ ଯାଇ ସଫଳ ହେବ ବୋଲି କହିଥିଲେ। ଆଧ୍ୟାପିକା ବିନ୍ଦୁରେଖା ମହାପାତ୍ରଙ୍କୁ ଆର୍ଟ ଓ ଡ୍ରାମା ପାଇଁ ମା ବିରଜା ଏମିନେଣ୍ଟ ଲେଖିକା ଆୱାର୍ଡ ପ୍ରଦାନ କରାଯିବା ସହ ତାଙ୍କ ଦ୍ୱାରା ରଚିତ ଶ୍ରୀଭାଗବତ ପୁସ୍ତକକୁ ମଞ୍ଚାସୀନ ଅତିଥିମାନେ ଉନ୍ମୋଚନ କରିଥିଲେ। ନୋଡାଲ୍ ଅଫିସର ସାରଦା ପ୍ରସନ୍ନ ମହାପାତ୍ର, ଆଶିଷ କୁମାର ମହାନ୍ତି, କ୍ଷଣପ୍ରଭା ସାହୁ, ସଞ୍ଜିବନୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ଜିଲାରୁ ମାଷ୍ଟର ଟ୍ରେନର୍‌ଭାବେ ବଛା ଯାଇଥିବା ୩୦ରୁ ଉର୍ଦ୍ଧ୍ୱ ଛାତ୍ରୀ ସହଯୋଗ କରିଥିଲେ। ଜିଲାର ସମସ୍ତ କଲେଜ ଅଧ୍ୟକ୍ଷ, ଆତ୍ମସୁରକ୍ଷା କୋର୍ଡିନେଟର ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

**ଧର୍ମଶାଳା,୧୭।୧(ଡିଏନ୍‌ଏ)**



ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ପ୍ରତିଯୋଗୀମାନେ ।

ଧର୍ମଶାଳା ବ୍ଲକ ଜାରକାରେ ଗୁରୁବାର ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଧର୍ମଶାଳା ମହାବିଦ୍ୟାଳୟ ପରିସରରୁ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ରାଲି ଥାନାଧିକାରୀ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ବଜାର ପରିକ୍ରମା କରିଥିଲା। ଏଥିରେ ଧର୍ମଶାଳା ଥାନା ଆମ ପୋଲିସ, ରୋଟାରୀ କ୍ଲବ, ଇନର ହୁଇଲ୍ କ୍ଲବ, ବରିଷ୍ଠ ନାଗରିକ ମଞ୍ଚ, ମହାବିନାୟକ ଲଘୁ ଖଣିଜ ମାଲିକ ସଂଘ, ଧର୍ମଶାଳା କଲେଜ, ଜାରକା ହାଇସ୍କୁଲ ଓ ଏମ୍‌ଇ ସ୍କୁଲ ସାମିଲ ହୋଇଥିଲେ। ଏହି ଅବସରରେ ଜାରକା ଟ୍ରେକର ଷ୍ଟାଣ୍ଡଠାରେ ଏକ ସଚେତନତା ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରି କ୍ଲବ ସଭାପତି ଅଜାମ୍ବର ସାହୁ, ଅଧ୍ୟାପକ ଜୟନ୍ତ କୁମାର ସାହୁ, ଇନରହୁଇଲ କ୍ଲବ ସଭାପତି କଳ୍ପନା ପରିଡ଼ା, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ କରୁଣାକର ବରାଳ, ଜାରକା ଫାଣ୍ଡି ଏସ୍‌ଆଇ ରାଜକିଶୋର ନାୟକ ଓ ବରିଷ୍ଠ ଖବରଦାତା ରମାକାନ୍ତ ଜେନା ପ୍ରମୁଖ ଟ୍ରାଫିକ ସଚେତନତା ଉପରେ ଆଲୋକପାତ କରିଥିଲେ। ପରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କଲେଜସ୍ତରରେ ମନୀଷା ଦାଶ ପ୍ରଥମ, ଦେବେନ୍ଦ୍ର ମଲିକ ଦ୍ୱିତୀୟ ଓ ସୁପ୍ରଭା ରଥ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ବିଦ୍ୟାଳୟସ୍ତରରେ ରେଶମା ଶତପଥୀ ପ୍ରଥମ, ରୁଦ୍ରପ୍ରତାପ ସାହୁ ଦ୍ୱିତୀୟ ଓ ଚିନ୍ମୟୀ ସାହୁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସଡ଼କ ଦୁର୍ଘଟଣାରେ ପୀଡ଼ିତଙ୍କୁ ସହାୟତା କରୁଥିବା ଦୁର୍ଗାନନ୍ଦ ସିଂହ, ସୁବାସ ବାରିକ, ଇନ୍ଦ୍ରମଣି ମହାନ୍ତି, ନକୁଳଚନ୍ଦ୍ର ନାୟକଙ୍କୁ ଆମ ପୋଲିସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବକ୍ତୃତା ପ୍ରତିଯୋଗିତାରେ ବିଚାରକଭାବେ ଶରତ ଶତପଥୀ, ପ୍ରଦୀପ୍ତ ବରାଳ, ମାନସ ରଂଜନ ଜେନା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଜୟପ୍ରକାଶ ତ୍ରିପାଠୀ, ହୃଷୀକେଶ ସାମଲ, ଅଧ୍ୟାପକ ବିଶ୍ୱଜିତ୍ ନାୟକ, ଅଧ୍ୟାପିକା ଦେବସ୍ମିତା ଦାସ, ରୋଟାରିଆନ୍ ସୁକାନ୍ତ ସ୍ୱାଇଁ ପରିଚାଳନା କରିଥିଲେ।

## ନାଗରିକତା ସଂଶୋଧନ ଅଧିନିୟମ ଆଲୋଚନାଚକ୍ର, ବୁଦ୍ଧିଜୀବୀ ସମ୍ମିଳନୀ

**ଧର୍ମଶାଳା,୧୭।୧(ଡିଏନ୍‌ଏ)**



ନାଗରିକତା ସଂଶୋଧନ ଅଧିନିୟମ ଆଲୋଚନାଚକ୍ର ।

ପୃଥିବୀରେ ଭାରତ ହେଉଛି ଏକମାତ୍ର ଧର୍ମ ନିରପେକ୍ଷ ରାଷ୍ଟ୍ର। ଯିଏ ପୃଥିବୀରେ ଅତ୍ୟାଚାରିତ ହୋଇଛି ତାକୁ ଆମ ଦେଶ ଆଶ୍ରୟ ଦେଇଛି। ନାଗରିକତା ସଂଶୋଧନ ଆଇନ ଭାରତରେ ମୁସଲମାନ ନାଗରିକଙ୍କୁ ତଡି ଦେବା କଥା କହୁ ନାହିଁ, ଏହାର ମୌଳିକତାକୁ ବୁଝିବାକୁ ପଡିବ ବୋଲି ବରିଷ୍ଠ ଖବରଦାତା ଅରୁଣ କୁମାର ପଣ୍ଡା ମତବ୍ୟକ୍ତ କରିଛନ୍ତି। ଯାଜପୁର ଜିଲା ଜାରକା ପ୍ରୟାଗ ମଣ୍ଡପଠାରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ଭାଜପା ଶାଖା ପକ୍ଷରୁ ନାଗରିକତା ସଂଶୋଧନ ଅଧିନିୟମ ଅଲୋଚନାଚକ୍ର ଓ ବୁଦ୍ଧିଜୀବୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ତଥା ଭାଜପା ନେତା ରମେଶ ଚନ୍ଦ୍ର ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହି ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

## ବିଶ୍ୱକର୍ମା ପାୱାର ପଏଣ୍ଟକୁ ନିଲାମ କଲା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

**କୋରେଇ,୧୭।୧(ସ୍ୱ.ପ୍ର)**

ପାଣିକୋଇଲି ଥାନା ପଥରପଦା ପଞ୍ଚାୟତର ବଡ ବରୁଣାଇପଦା ମୌଜାରେ ଥିବା ବିଶ୍ୱକର୍ମା ପାୱାର ପଏଣ୍ଟ ଓ ଇଞ୍ଜିନିୟରିଂ ୱାର୍କସପ୍‌କୁ ଶୁକ୍ରବାର ଓଡ଼ିଶା ଗ୍ରମ୍ୟବ୍ୟାଙ୍କ ରୁଢିଆ ଶାଖା ପକ୍ଷରୁ ନିଲାମ କରାଯାଇଛି। ୨୦୧୧ ମସିହାରେ ବିଶ୍ୱକର୍ମା ପାୱାର ପଏଣ୍ଟ ସଂସ୍ଥାର ମାଲିକ ମୂଳାପାଳ ପଞ୍ଚାୟତ କ୍ଷିରୋ ଗ୍ରାମର ଅକ୍ଷୟ କୁମାର ମହାରଣା ରୁଢିଆ ଓଡିଶା ଗ୍ରାମ୍ୟ ବ୍ୟାଙ୍କର ୬୯ଲକ୍ଷ ୫୦ହଜାର ଟଙ୍କା ଋଣ ଆଣିଥିଲେ। ଦୀର୍ଘବର୍ଷ ହେବ କାରବାର ବନ୍ଦ କରିଥିବାରୁ ଶୁକ୍ରବାର ତାକୁ ୪୬ ଲକ୍ଷ ୪୦ ହଜାର ଟଙ୍କାରେ ନିଲାମ କରିଦିଆଗଲା। ଅନୁଗୋଳର ସୁଧା ସାହା, କାଜଲ ସାହା ଏହାକୁ ନିଲାମ ନେଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ମିଳିଛି। ଏହି ନିଲାମ କାର୍ଯ୍ୟକ୍ରମରେ ରସୁଲପୁର ତହସିଲଦାର ତଥା ବ୍ୟାସନଗର ଇନଚାର୍ଯ୍ୟ ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ଚଣ୍ଡିଖୋଲ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ରିଜିଓନାଲ ମ୍ୟାନେଜର ଗୋବିନ୍ଦ ଚନ୍ଦ୍ର ସେଠୀ, ରୁଢିଆ ବ୍ୟାଙ୍କ ମ୍ୟାନେଜର ପ୍ରଶାନ୍ତ କୁମାର ମେହେର, ମାନଭଞ୍ଜନ ମିଶ୍ର, ପାଣିକୋଇଲି ଥାନା ସବଇନ୍ସପେକ୍ଟର କୈଳାସ ଚନ୍ଦ୍ର ଭୋଇ, କମଳଲୋଚନ କରଙ୍କ ସମତେ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

## ବଲିଉଡ୍ କଣ୍ଠଶିଳ୍ପୀଙ୍କ ଗୀତରେ ଝୁମିଲେ ଦର୍ଶକ

**ଯାଜପୁର ଟାଉନ,୧୭।୧(ଡିଏନଏ)**


ବଲିଉଡ୍ କଣ୍ଠଶିଳ୍ପୀ ନିକାଶ ଅଜିଜ୍ ସଙ୍ଗୀତ ପରିବେଷଣ କରୁଛନ୍ତି ।

### ଯାଜପୁର ଜିଲା ମହୋତ୍ସବର ୩ୟ ସନ୍ଧ୍ୟା

ଯାଜପୁର ବାଳାଶ୍ରମ ପଡ଼ିଆଠାରେ ଜିଲା ମହୋତ୍ସବର ୨ୟ ସନ୍ଧ୍ୟାରେ ଜିଲାପାଳ ରଞ୍ଜନ କୁମାର ଦାସ ପ୍ରଦୀପ ପ୍ରଜ୍ୱଳନ କରି ୩ୟ ଦିବସକୁ ଉଦ୍‌ଘାଟିତ କରିଛନ୍ତି। ଏହି ମହୋତ୍ସବ ସନ୍ଧ୍ୟାରେ ଓଲିଉଡ୍ ଓ ବଲିଉଡ୍ କଳାକାରମାନେ ସଂଗୀତ ପରିବେଷଣ କରି ଦର୍ଶକଙ୍କୁ ଝୁମାଇ ଥିଲେ। ଆରମ୍ଭରୁ ଓଡ଼ିଆ କଳାକାର ସତ୍ୟଜିତ ପ୍ରଧାନ ବହୁ ଗୀତଗାଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ବଲିଉଡ ବିଶିଷ୍ଟ କଣ୍ଠଶିଳ୍ପୀ ନିକାଶ ଅଜିଜ୍ ଓ ରିଚା ନାରାୟନ ‘ସାରି କା ଫଲ୍ ସା ମ୍ୟାଚ୍ କିଆରେ’ ‘ଫ୍ୟାନ୍ ହୋ ଗୟା’ ‘ସେଲ୍‌ଫି ଲେ ଲେ ରେ’ ‘ମେରା ୱାଲା ଡ୍ୟାନ୍ସ’ ଆଦି ଗୀତଗାଇ ଦର୍ଶକଙ୍କ ମନମୁଗ୍ଧ କରିଥିଲେ। ଏହି କାର୍ଯ୍ୟକ୍ରମକୁ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ। ସେହିପରି ଅପରାହ୍ନ ୪ଟାରୁ ବିଭିନ୍ନ ଦୋଳି ପାଖରେ ଛୋଟ ଛୋଟ ପିଲାଙ୍କ ଭିଡ ଲାଗି ରହିଛି। କିଏ ରାମଦୋଳିରେ ବସି ଝୁଲୁଛି ତ ଆଉ କିଏ ବ୍ରେକ୍ ଡ୍ୟାନ୍ସ ଦୋଳି ଖେଳିବାକୁ ଅଝଟ କରୁଛି। ସେହିପରି ପାଣି ଭିତରେ ବୋଟିଂ, ଟୋରାଟୋରା, ଟଏଟ୍ରେନ୍ ଦୋଳିର ମଜା ଛୋଟଛୋଟ ପିଲାଙ୍କୁ ଦୀର୍ଘ ସମୟ ଧରି ବାନ୍ଧି ରଖିଛି। ମହୋତ୍ସବ ପଡ଼ିଆକୁ ବୁଲିବାକୁ ଆସିଥିବା ମା’ ବାପାମାନେ ମଧ୍ୟ ନିଜ ନିଜର ପିଲାଙ୍କୁ ଦୋଳିରେ ବସାଇ ବେଶ୍ ଖୁସି ଥିବା ଦେଖିବାକୁ ମିଳୁଛି। ସେହିପରି ମଥୁରା କେକ୍, ଅଣ୍ଡା ଚପ୍, ଗୁପ୍‌ଚୁପ୍, ବାରମଜା, କଫି, ଭେଜ୍ ପେଟିସ୍ ଆଦି ଦୋକାନରେ ଗ୍ରାହକଙ୍କ ଭିଡ ଲାଗି ରହିଛି। ରାଜ୍ୟରୁ ଆସି ମକା ବିକୁଥିବା ଅଧିକାଂଶ ଦୋକାନରେ ଗ୍ରାହକଙ୍କ ସଂଖ୍ୟା ସବୁଠାରୁ ଅଧିକ ବୋଲି ଦେଖିବାକୁ ମିଳିଛି। ମହିଳା ଓ ଝିଅମାନେ ନିଜ ପରିବାର ଲୋକଙ୍କ ସହ ମକା ଦୋକାନରେ ଛିଡା ହୋଇ ଦୋକାନୀକୁ ବରାଦି କରୁଛନ୍ତି। ସେହିପରି ଘରକରଣା ଜିନିଷ ବିକ୍ରି ହେଉଥିବା ଷ୍ଟଲଗୁଡିକରେ ମହିଳାଙ୍କ ଭିଡ ଲାଗି ରହିଛି। ବିଭିନ୍ନ ଡିଜାଇନ୍‌ର କପ୍ ପ୍ଲେଟ୍ ବିକ୍ରି ହେଉଥିବା ଷ୍ଟଲ୍‌ରେ ଲୋକଙ୍କ ଭିଡ ଅନ୍ୟ ଦୋକାନ ତୁଳନାରେ ଅଧିକ ଥିବା ପରିଲକ୍ଷିତ ହୋଇଛି। ମହୋତ୍ସବ ପଡିଆରେ ମୋଟ୍ ୭ପ୍ଲାଟୁନ୍ ଫୋର୍ସ, ୭୦ଜଣ ହୋମଗାର୍ଡ, ଜଣେ ଆଡିସ୍‌ନାଲ ଏସ୍‌ପି, ଦୁଇଜଣ ଡିଏସପି, ୧୫ଜଣ ସବ୍‌ଇନ୍ସପେକ୍ଟର, ୩୦ଜଣ ଏଏସଆଇ, ୧୫ଜଣ ହାବିଲଦାର୍‌ଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ କନେଷ୍ଟବଳଙ୍କୁ ମୁତୟନ କରାଯାଇଛି। ଏହି ଜିଲା ମହୋତ୍ସବକୁ ଆସୁଥିବା ଲୋକେ ସେମାନଙ୍କ ୨ ଚକିଆ ଯାନଗୁଡ଼ିକୁ ପାର୍କିଂ ସ୍ଥାନରେ ରଖିବା, ଟ୍ରାଫିକ୍ ନିୟନ୍ତ୍ରଣ କରିବା ସହ ଅସାମାଜିକ ବ୍ୟକ୍ତିଙ୍କ ଉପରେ ପୋଲିସ କଡା ନଜର ରଖିଛି। ସେହିପରିଦିନ ଦୟାଲ୍ ଉପାଧ୍ୟାୟ କୌଶଳ ଯୋଜନା ଓ ବିଭିନ୍ନ ଅନୁଷ୍ଠାନର ଶତାଧିକ ଭଲେଣ୍ଟିୟରଙ୍କୁ ମହୋତ୍ସବ ପଡିଆରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁନିୟୋଜିତ କରାଯାଇଛି।

## ସଂକ୍ଷେପରେ

### ଦୁର୍ବୃତ୍ତ ବାଇକ ଜାଳି ଦେଲେ: ଅଳ୍ପକେ ବର୍ତ୍ତିଗଲେ ପରିବାର

ମାର୍ଶାଘାଇ,୧୭।୧(ଡି .ଏନ୍.ଏ.): ଗୁରୁବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମାର୍ଶାଘାଇ ବ୍ଲକ ମେହେନ୍ଦିନଗର ପଞ୍ଚାୟତ ରଙ୍କାଳ ଗ୍ରାମର ଅମ୍ବରୀଶ ପରିଡାଙ୍କ ବାଇକକୁ କେତେକ ବ୍ୟକ୍ତି ନିଆଁ ଲଗାଇ ଜାଳି ଦେଇଛନ୍ତି । ନିଆଁ ଘରକୁ ବ୍ୟାପି ଯାଇଥିଲେ ହେଁ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।
ପ୍ରକାଶ ଯେ, ଅମ୍ବରୀଶ ଜଣେ ସାମାଜିକ କର୍ମୀ । ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ଅଭିଯୋଗ କରିବା ସହ ଅନେକ ସମୟରେ ସୂଚନା ଅଧିକାର ଆଇନ ବଳରେ ପଞ୍ଚାୟତର ନିମ୍ନମାନର କାର୍ଯ୍ୟ ଓ ଦୁର୍ନୀତିର ତଥ୍ୟ ମାଗି ସେ ଚର୍ଚ୍ଚାରେ ଥାଆନ୍ତି । ଗତ କିଛି ଦିନ ତଳେ ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ମଧ୍ୟାହ୍ନ ଭୋଜନ ନିମ୍ନମାନର ବୋଲି ଜିଲାପାଳଙ୍କ ନିକଟରେ ସେ ଅଭିଯୋଗ କରିଥିଲେ । ଏହି ଘଟଣା ନେଇ ଗ୍ରାମର କେତେକ ଯୁବକ ଓ ସଂପୃକ୍ତ ଶିକ୍ଷୟିତ୍ରୀଙ୍କ ପରିବାର ସହ ଅମ୍ବରୀଶଙ୍କ ବଚସା ହୋଇଥିଲା । ତେବେ ଗୁରୁବାର ରାତିରେ ଅମ୍ବରୀଶ ନିଜ ପରିବାର ସହ ଶୋଇଥିବା ବେଳେ ହଠାତ୍ ତାଙ୍କ ବାଇକରେ ନିଆଁ ଲାଗି ଟାଙ୍କି ଫାଟି ଯାଇଥିଲା । ନିଆଁ ଝରକା ଦେଇ ଶୋଇବା ଘରେ ବ୍ୟାପି ଯାଇଥିଲ । ପରିବାର ଲୋକଙ୍କ ଚିତ୍କାର ଶୁଣି ଗ୍ରାମବାସୀ ସମସ୍ତଙ୍କୁ ଉଦ୍ଧାର କରିଥିଲେ । ବାଇକ୍ ସଂପୂର୍ଣ୍ଣ ରୂପେ ଜଳି ଯାଇଥିବା ବେଳେ ଘରର କିଛି ଆସବାବପତ୍ର ନଷ୍ଟ ହୋଇଯାଇଛି । ଏ ନେଇ ଅମ୍ବରୀଶ ପାଟକୁରା ଥାନାରେ ଏତଲା ଦେବା ପରେ ଥାନା ଅଧିକାରୀ ସୁଜିତ ପ୍ରଧାନ ଘଟଣାର ତଦନ୍ତ ଜାରି ରଖିବା ସହ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି ।

### ଅପେରା ପରିବେଷଣ ଅନୁମତିକୁ ବିରୋଧ

କେନ୍ଦ୍ରାପଡା ଅଫିସ,୧୭।୧- ଗରଦପୁର ବ୍ଲକ ମଧୁଶାସନ ପଞ୍ଚାୟତ ଅରଖକୁଦ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆସନ୍ତା ମାଘ ମେଳା ମହୋତ୍ସବ ପରିପ୍ରେକ୍ଷୀରେ ଅପେରା ପାର୍ଟି ଯାତ୍ରା ପରିବେଷଣ କରିବ । ଏହାକୁ ପଞ୍ଚାୟତବାସୀ ବିରୋଧ କରିଛନ୍ତି । ଏନେଇ ପଞ୍ଚାୟତବାସୀ ଜିଲାପାଳଙ୍କୁ ଏକ ଦାବିପତ୍ର ଇତିମଧ୍ୟରେ ପ୍ରଦାନ କରି ବିଦ୍ୟାଳୟ ପରିସରରେ ଯାତ୍ରା ପାଇଁ ଅନୁମତି ନ ଦେବାକୁ ଦାବି କରିଛନ୍ତି । ଏ ସମ୍ପର୍କରେ ପଞ୍ଚାୟତର କୈଳାଶ ଚନ୍ଦ୍ର ଜେନା କହିଛନ୍ତି ଯେ, ଏହି ବିଦ୍ୟାଳୟରେ ଯାତ୍ରା ପରିବେଷଣ ନ କରିବା ପାଇଁ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ରହିତାଦେଶ ଅଛି । ତେବେ ଏକ ସାଂସ୍କୃତିକ ଅନୁଷ୍ଠାନ ଏହି ରହିତାଦେଶକୁ ନ ମାନି ପ୍ରଶାସନ ନିକଟରୁ ଅନୁମତି ନେବା ପାଇଁ ଆବେଦନ ପତ୍ର ଦେଇଥିବା ଜଣାପଡିଛି । ପଞ୍ଚାୟତବାସୀ ଏହାକୁ ବିରୋଧ କରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ପଞ୍ଚାୟତର କାର୍ତ୍ତିକ ଚନ୍ଦ୍ର ସେଠୀ, ରାଜ ନାରାୟଣ ମହାନ୍ତି, ସତ୍ୟାନନ୍ଦ ନାୟକ, ହୃଷୀକେଶ ତ୍ରିପାଠୀ, ଅରୁନ୍ଧତୀ ରାଉତ ପ୍ରମୁଖ ସାମିଲ ହୋଇଥିଲେ ।

# ପାନୀୟ ଜଳ ସଙ୍କଟ ମୁଖ୍ୟ ସମସ୍ୟା

କେନ୍ଦ୍ରାପଡା ଅଫିସ,୧୭।୧

କେନ୍ଦ୍ରାପଡା ଜିଲା ପାଇଁ ପାନୀୟ ଜଳ ସଙ୍କଟ ଏକ ମୌଳିକ ସମସ୍ୟା । ଫଳରେ ସମୁଦ୍ର ତଟବର୍ତ୍ତୀ ଗ୍ରାମାଞ୍ଚଳବାସୀ ଲୁଣା ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ବିଭିନ୍ନ

## କେନ୍ଦ୍ରାପଡ଼ା ଜିଲା

ମଧୁର ଜଳଉତ୍ସରୁ ପାଇପ ଯୋଗେ ଗ୍ରାମାଞ୍ଚଳବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ଯୋଜନା କରିଛନ୍ତି। ଏଥିପାଇଁ ଅର୍ଥ ମଞ୍ଜୁର ହୋଇଛି । ତେବେ କେନ୍ଦ୍ରାପଡା ଜିଲାରେ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ବହୁ କମ୍ ଲୋକଙ୍କୁ ପାଇପ ପାଣି ସଂଯୋଗ ହୋଇଛି । ଜିଲାରେ ମାତ୍ର ୧୧. ୯ ପ୍ରତିଶତ ଘରକୁ ପାଇପ ପାଣି ସଂଯୋଗ ହୋଇଛି । ଆସନ୍ତା

## ମାତ୍ର ୧୧ ପ୍ରତିଶତ ଘରକୁ ହୋଇଛି ଟ୍ୟାପ ସଂଯୋଗ

ମାର୍ଚ୍ଚ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟର ଅନୁନ୍ୟ ୨୫ ପ୍ରତିଶତ ଘରକୁ ଟ୍ୟାପ ସଂଯୋଗ କରାଯିବା ଆବଶ୍ୟକ ବୋଲି ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଚିଫ ଇଞ୍ଜିନିୟର ଜିଲା ନିର୍ବାହୀଯନ୍ତ୍ରୀଙ୍କୁ ଶୁକ୍ରବାର ଚିଠି (ନଂ- ୫୦୬) ଲେଖିଛନ୍ତି । ଏଥିସହିତ ଏସଇ (ସୁପରଟେଣ୍ଡିଂ ଇଞ୍ଜିନିୟର)ଙ୍କୁ ଏନେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୪ ସୁଦ୍ଧା ଦେଶର ସମସ୍ତ ଘରକୁ ଟ୍ୟାପ ପାଣି ଓ ୨୦୨୫ ମସିହା ସୁଦ୍ଧା ପାଇଖାନା ଯୋଗାଇବା ଲକ୍ଷ୍ୟରେ କେନ୍ଦ୍ର ଜଳଶକ୍ତି ବିଭାଗ ସହ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କାର୍ଯ୍ୟ ହେଉଛି । ଉଭୟ ମନ୍ତ୍ରଣାଳୟର ଆଇଏମଆଇଏସ (ଇଣ୍ଟିଗ୍ରେଟେଡ ମ୍ୟାନେଜମେଣ୍ଟ ଇନଫରମେଶନ ସିଷ୍ଟମ) ସୂଚନା ଅନୁଯାୟୀ କେନ୍ଦ୍ରାପଡା ଜିଲାରେ ୨,୯୧,୧୬୦ ପରିବାରକୁ ପାଇପ ପାଣି ଟ୍ୟାପ ସଂଯୋଗ ହେବ । ଏଥିମଧ୍ୟରୁ ଗତ ୨୦୧୯ ମାର୍ଚ୍ଚ ମାସ ଶେଷ ସୁଦ୍ଧା ୨୬,୪୨୧ ଘରକୁ ପାଇପ ପାଣି ଯୋଗାଣ ହେଉଛି । ଏପ୍ରିଲରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଗ୍ରାମାଞ୍ଚଳର କୌଣସି ଘରକୁ ଟ୍ୟାପ ସଂଯୋଗ ହୋଇ ନ ଥିବା ବେଳେ ନଭେମ୍ବରରେ ୨,୬୩୧ ଓ ଡିସେମ୍ବର ମାସରେ ୩,୨୩୦ ଘରକୁ ପାଇପ ପାଣି ସଂଯୋଗ ହୋଇଛି । ତେବେ ଚଳିତ ମାସର ଗତ ୧୩ ତାରିଖ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ କୌଣସି ଘରକୁ ସଂଯୋଗ ହୋଇ ନ ଥିବା ଏହି ଚିଠିରେ ଉଲ୍ଲେଖ କରାଯାଇଛି । ଏହି ତାରିଖ ସୁଦ୍ଧା ଜିଲାରେ ମାତ୍ର ୩୨,୨୮୨ ଘରକୁ ପାଇପ ପାଣି ସଂଯୋଗ ହୋଇଥିବାରୁ ଧାର୍ଯ୍ୟ ଲକ୍ଷ୍ୟରୁ ଏହା ମାତ୍ର ୧୧.୯



ପ୍ରତିଶତରେ ସଫଳ ହୋଇଛି । ଏ ସମ୍ପର୍କରେ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଅଧିକାରୀ ଦିଲିପ ଦେହୁରୀ କହିଛନ୍ତି ଯେ, ଜିଲାର ଗ୍ରାମାଞ୍ଚଳରେ ପାଇପ ପାଣି ସଂଯୋଗ ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି । ଖୁବ ଶୀଘ୍ର ଆମେ ଏହି ଧାର୍ଯ୍ୟ ଲକ୍ଷ୍ୟରେ ପହଞ୍ଚିଯିବୁ।

# ଫୁଲମାଳ ଦେଇ ଗାଡ଼ି ଚାଳକଙ୍କୁ ସଚେତନ

ମାର୍ଶାଘାଇ,୧୭।୧(ଡି.ଏନ୍.ଏ.)

ଦ୍ରୁତ ଗତି ମହା ବିପତ୍ତି। ପ୍ରତିବର୍ଷ ବେପରୁଆ ଗାଡି ଚାଳନା ପାଇଁ ବହୁ ଧନ ଜୀବନ ନଷ୍ଟ ହେଉଛି । ଏଥିପାଇଁ ସରକାରୀ ସ୍ତରରେ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଏହି ଅବସରରେ ମାର୍ଶାଘାଇ କେନାଲ ବ୍ରିଜ ନିକଟରେ କେନ୍ଦ୍ରାପଡା ପରିବହନ କାର୍ଯ୍ୟାଳୟ ଏବଂ ଜମ୍ବୁ–ମାର୍ଶାଘାଇ ଟ୍ରେକର ସଂଘ ମିଳିତ ସହଯୋଗରେ ସୁରକ୍ଷିତ ସଡକ ଯାତ୍ରା ସଂପର୍କରେ ଏକ ସଚେତନତା କର୍ମଶାଳା ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଟ୍ରେକର ସଂଘ ସଭାପତି ସୁବାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ନିକଟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିବହନ ଅଧିକାରୀ ନିଖିଳ ପଟ୍ଟନାୟକ ମୁଖ୍ୟଅତିଥି ଓ ମାର୍ଶାଘାଇ ଥାନାର ଦେବାଶିଷ ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଥିଲେ। ନୂଆ ଟ୍ରାଫିକ ନିୟମ ପାଳନ କରିବା ସହିତ ସୁରକ୍ଷିତ ଯାତ୍ରା ସଂପର୍କରେ ସଚେତନ କରାଯାଇଥିଲା। ଯେଉଁ ଚାଳକମାନେ ନିୟମ ପାଳନ ନ କରି ବାଇକରେ ୩ ଜଣ ବସି ଯାତ୍ରା କରୁଥିଲେ,ବିନା ହେଲମେଟ୍ ଏବଂ ସିଟ୍ ବେଲ୍ଟରେ ଗାଡି ଚଳାଉଥିଲେ ସେମାନଙ୍କୁ ଫୁଲମାଳ ପିନ୍ଧାଯାଇ ସଚେତନ ହେବାକୁ ପରାମର୍ଶ ଦିଆଯାଇଥିଲା। ଟ୍ରେକର ସଂଘ କାର୍ଯ୍ୟାଳୟ କେନାଲ ବ୍ରିଜ୍ ଠାରେ ଆୟୋଜିତ ଶିବିରରେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ଡାକ୍ତର କୁଳମଣି ମଲିକଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିବହନ ବିଭାଗ କର୍ମଚାରୀ କାର୍ତ୍ତିକ ଚନ୍ଦ୍ର ଦାସ,ନିର୍ମଳ ଦାସ,ବିଜୟ ସ୍ୱାଇଁଙ୍କ ସମେତ ଟ୍ରେକର ସଂଘ ସଦସ୍ୟ ଶ୍ରୀବଲ୍ଲଭ ନାୟକ,ସ୍ୱରୂପ ସ୍ୱାଇଁପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ମାର୍ଶାଘାଇ,୧୭।୧(ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁହୁଡି ଗ୍ରାମ ପଞ୍ଚାୟତର ନରେନ୍ଦ୍ରପୁର ଗ୍ରାମସ୍ଥିତ ତୁଳସୀ ସଂସ୍କୃତ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ କୁମାର ଦାସ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଗୋପୀନାଥପୁର ସଂସ୍କୃତ ମହାବିଦ୍ୟାଳୟର ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ସୁକାନ୍ତ କୁମାର ଜେନା ଓ ମୁଖ୍ୟବକ୍ତା ଭାବେ ଲକ୍ଷ୍ମୀ ବରାହ ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧ୍ୟାପକ ରବୀନ୍ଦ୍ର କୁମାର ଦାସ ଯୋଗଦେଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେବାର ଆବଶ୍ୟକତା ସଂପର୍କରେ ଆଲୋକପାତ କରିଥିଲେ। ପ୍ରଶିକ୍ଷିକା ପ୍ରୀତିମୟୀ ବେହେରା



ଶିବିରରେ ଉପସ୍ଥିତ ଅତିଥିମାନେ।

ଯୋଗଦେଇ ୫୦ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ସଂଯୋଜିକା ବବିତାରାଣୀ ନାୟକ, ଅଧ୍ୟାପକ କିଶୋର ଚନ୍ଦ୍ର ଜେନା, ସୌଭାଗ୍ୟ ଚନ୍ଦ୍ର ତ୍ରିପାଠୀ, ନିରଞ୍ଜନ ଦାସ, ହେମନ୍ତ କୁମାର ପତି, ପ୍ରକାଶ ଚନ୍ଦ୍ର ଆଚାର୍ଯ୍ୟ, ଅଧ୍ୟାପିକା ରଜନୀ ଗନ୍ଧା ମିଶ୍ର, ଶୋଭାରାଣୀ ଦାସ, ସସ୍ମିତା ପାଣି, ଗଗନ ବିହାରୀ ଦାସ, ଗଗନ ବିହାରୀ ପରିଡ଼ା, ପ୍ରମୋଦ କୁମାର ନାୟକ ଉପସ୍ଥିତ ରହି ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବେଦ ପଠନ ଓ ମନୋରଞ୍ଜନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଏହି ଶିବିର ଦୀର୍ଘ ୧୨ ଦିନ ଧରି ଚାଲିବ ।

## ୨୦ରେ ଖରସ୍ରୋତା ସଂଗ୍ରାମ ସମିତିର ବୈଠକ

ରାଜକନିକା,୧୭।୧ (ଡି.ଏନ.ଏ.)

ଖରସ୍ରୋତା ସଂଗ୍ରାମ ସମିତିର ଏକ ବୈଠକ ଗୁରୁବାର ଭାରିଗଦା ଠାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଖରସ୍ରୋତା ସଂଗ୍ରାମ ସମିତିର ସଭାପତି କପିଳେନ୍ଦ୍ର ମଲ୍ଲିକ ଅଧ୍ୟକ୍ଷତା କରିଥିଲେ । ଏଥିରେ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହେବାକୁ ଯାଉଥିବା ମେଗା ପାନୀୟ ଜଳ ପ୍ରକଳ୍ପ ସଂପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଆସନ୍ତା ୨୦ ତାରିଖ ଅପରାହ୍ନ ୧ ଟା ବେଳେ ରାଜକନିକା ପଞ୍ଚାୟତ ସମିତି ଭବନରେ ଆଳିର ବିଧାୟକ ପ୍ରତାପ କେଶରୀ ଦେବ, ପ୍ରାକ୍ତନ ବିଧାୟକ ଦୋଳ ଗୋବିନ୍ଦ ନାୟକ ଓ ଦେବେନ୍ଦ୍ର ଶର୍ମା, କେନ୍ଦ୍ରାପଡା ଜିଲାପାଳ, ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଉଠାଜଳସେଚନ ବିଭାଗର ଅଧିକ୍ଷଣଯନ୍ତ୍ରୀଙ୍କୁ ନେଇ ଏକ ମିଳିତ ବୈଠକ ହେବ ।

# ମହିଳାଙ୍କୁ ମାଡ଼ ଘଟଣାର ଭିଡିଓ ଭାଇରାଲ

କେନ୍ଦ୍ରାପଡା ଅଫିସ, ୧୭।୧

ରାଜକନିକା ଥାନା ଅଞ୍ଚଳର ଏକ ଗ୍ରାମରେ ଜମି ସମସ୍ୟାକୁ ନେଇ ଜଣେ ମହିଳାଙ୍କୁ ଶୁକ୍ରବାର ଆଶାଳୀନ ବ୍ୟବହାର ସହ ମାଡ ହୋଇଛି । ଏହି ମାଡ ମାରିବା ସମୟର ଭିଡିଓ ଭାଇରାଲ ହେବା ସହିତ ପୋଲିସ ଉଚିତ୍ ସମୟରେ ପଦକ୍ଷେପ ନେଇ ନ ଥିବାରୁ ଏପରି ଘଟଣା ହେଲା ବୋଲି ଆଲୋଚନା ହେଉଛି । ଏନେଇ ଥାନାରେ ଅଭିଯୋଗ ହୋଇଛି।
ଅଭିଯୋଗ ଅନୁଯାୟୀ, ସଂପୃକ୍ତ ମହିଳାଙ୍କ ଘର ପାଖରେ ପଡୋଶୀ ପରିବାର ସଦସ୍ୟ ଗାତ ଖୋଳିଥିଲେ । ଏହାକୁ ବିରୋଧ କରିବାରୁ ତାଙ୍କୁ ଅଶାଳୀନ ବ୍ୟବହାର ଦେଖାଯିବା ସହ ମାଡ ମରାଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ଅଛି । ସଂପୃକ୍ତ ମହିଳାଙ୍କ ପକ୍ଷରୁ ପୂର୍ବରୁ ଏହି ଜମି ସମସ୍ୟା ନେଇ ହୋଇଥିବା ଗଣ୍ଡଗୋଳ ସମ୍ପର୍କରେ ଅଭିଯୋଗ କରାଯାଇଥିଲା । ତେବେ କୌଣସି କାରଣରୁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା । ଏଥିପାଇଁ ଅଭିଯୁକ୍ତମାନେ ପୁନର୍ବାର ଏପରି କାଣ୍ଡ ଘଟାଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକୋତ୍ସବ

ପଟ୍ଟାମୁଣ୍ଡାଇ,୧୭।୧(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବାର୍ଷିକୋତ୍ସବ ସ୍ଥାନୀୟ ମଙ୍ଗଳା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ ଉତ୍ସବରେ ପୌରୋହିତ୍ୟ କରିଥିଲେ । ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କ ଚିକିତ୍ସା ଭତ୍ତା ଓ ସଂଘର କାର୍ଯ୍ୟାଳୟ ପ୍ରତିଷ୍ଠା ନିମନ୍ତେ ସରକାରୀ ଜାଗା ଯୋଗାଇ ଦେବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ । ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳର ବିକାଶ ଧାରାକୁ ଆଗେଇ ନେବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ଅବସରରେ ସେ ଭିତରକନିକା ଜାତୀୟ ଉଦ୍ୟାନର ଉନ୍ନତି ଆବଶ୍ୟକ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ତଥା ଶିକ୍ଷକ ସଂଘ ପ୍ରାକ୍ତନ ରାଜ୍ୟ ସମ୍ପାଦକ ଦୁର୍ଯ୍ୟୋଧନ ପରିଡା ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସମସ୍ୟାଗୁଡିକର ସମାଧାନ ପାଇଁ ସମସ୍ତେ ଉଦ୍ୟମ ଜାରି ରଖିଲେ ସରକାର ତାହା ଗ୍ରହଣ କରିବେ ବୋଲି ସେ କହିଥିଲେ । ଏଥିରେ ରାଜ୍ୟ ସଂଘ ସାଧାରଣ ସମ୍ପାଦକ ଲୋକନାଥ ରଥ, ଶିକ୍ଷକ ନେତା ଶରତ ଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଦାବି ପୂରଣ ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ । ଏହି ଅବସରରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ ଚତୁର୍ଭୁଜ ରାଉଳ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରାକ୍ତନ ପ୍ରଧାନ ଶିକ୍ଷକ କସ୍ତୁରୀ ଚରଣ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ବିଜୟ କୁମାର ସାହୁ, ସନାତନ ତରାଇ, ଗୋଲୋକ ବିହାରୀ ସାହୁ, ପ୍ରଫେସର ନିର୍ମଳ ଚନ୍ଦ୍ର ବିଶ୍ୱାଳ, ଦେବବ୍ରତ ପ୍ରଧାନ, ଗୋଲେକ ମହାରଣା, ରମେଶ ଚନ୍ଦ୍ର ଜେନା, ସୁଧୀର ଚନ୍ଦ୍ର ମାହୁନ୍ତ , ଲକ୍ଷ୍ମୀଧର ପାତ୍ର, ରବୀନ୍ଦ୍ର ରାଉଳ, କୈଳାସ ଚନ୍ଦ୍ର ପାତ୍ର, ଭରତ ଚନ୍ଦ୍ର ପାତ୍ର, ତ୍ରିଲୋଚନ ଜେନା, ବଂଶୀଧର ନାୟକ, ରାଜେନ୍ଦ୍ର ପ୍ରତାପ ସିଂହ, ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଜୁନ ଚରଣ ନାୟକ, ସୁରେଶ ଚନ୍ଦ୍ର ଜେନା, ନିମାଇଁ ଚରଣ ସ୍ୱାଇଁ, ଗୋପାଳ ଚନ୍ଦ୍ର ବିଶ୍ୱାଳଙ୍କ ସମେତ ସଂଘର ନେତା ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଯୋଗ ଦେଇଥିଲେ। ଶେଷରେ ପ୍ରମୋଦ କୁମାର ନାୟକ ଧନ୍ୟ ବାଦ ଦେଇଥିଲେ ।

## ବିଧାୟିକାଙ୍କୁ ସମ୍ବର୍ଦ୍ଧନା

ଡେରାବିଶ,୧୭।୧ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ନଛିପୁରସ୍ଥିତ ସାଇମନ୍ଦିର ଭକ୍ତମାନଙ୍କ ପକ୍ଷରୁ ଇତିମଧ୍ୟରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ଭକ୍ତମାନଙ୍କ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ପାଟକୁରା ବିଧାୟିକା ଅଗ୍ରୱାଲଙ୍କୁ ସାଇ ମନ୍ଦିର ଟ୍ରଷ୍ଟ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ସଭାରେ ବିଧାୟିକାଙ୍କ ପୁତ୍ର ଯୁବନେତା ସଞ୍ଜୟ ଅଗ୍ରୱାଲ, ମୁକୁନ୍ଦପୁର ସରପଞ୍ଚ ଯୋଗାନନ୍ଦ ମହାନ୍ତି, ମୁକୁନ୍ଦପୁର ପଞ୍ଚାୟତ ବିଜେଡି ସଭାପତି ସୁଧିରଞ୍ଜନ ମହାନ୍ତି, ରଜତ ବଳ, ରଞ୍ଜନ ସ୍ୱାଇଁ, ଚାନ୍ଦୋଳ ପଞ୍ଚାୟତ ବିଜେଡି ସଭାପତି ଦେବରାଜ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ସୁରେନ୍ଦ୍ର ନାଥ ଶତପଥୀ, ନୀଳମଣି ଶତପଥୀ , ହେମଙ୍ଗିନୀ ପରିଡା ଓ ଉତ୍ତମ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

# ବକ୍ତୃତା ପ୍ରତିଯୋଗିତା


ପ୍ରତିଯୋଗିତା ଅବସରରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଡେରାବିଶ,୧୭।୧ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତର ଦୋହଳୀସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚ ବିଦ୍ୟାଳୟରେ ଇତିମଧ୍ୟରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ଉତ୍ସବ ଅବସରରେ ପୁରାତନ ଛାତ୍ର ସଂସଦ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । 'ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ' ଶୀର୍ଷକରେ ଆୟୋଜିତ ଏହି ବକ୍ତୃତା ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ବିଚାରକ ଭାବେ ପୁରାତନ ଛାତ୍ର ସଂସଦର ସଭାପତି ବିଧୁଭୂଷଣ ମହାନ୍ତି, ପାରାଦୀପ ବନ୍ଦର ନ୍ୟାସର ପ୍ରାକ୍ତନ ସଚିବ ପ୍ରଭାତ କୁମାର ନନ୍ଦ, ଡ. କୀର୍ତ୍ତନ ନାରାୟଣ ପାଢୀ, ବିଶିଷ୍ଟ ସାହିତ୍ୟିକ ଡ. ପ୍ରକାଶ କୁମାର ପରିଡା ଯୋଗ ଦେଇଥିଲେ । ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରୀ ସଭାପତି ପ୍ରାଧ୍ୟାପକ ଅଜୟ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଚାରକମାନେ ବନମାଳୀ ବ୍ରହ୍ମଚାରୀ ମଡେଲ ହାଇସ୍କୁଲର ଛାତ୍ରୀ ଇପ୍‌ସିତା କରଙ୍କୁ ପ୍ରଥମ, ମଲ୍ଲୀକେଶ୍ୱରପୁର ହାଇସ୍କୁଲର ଛାତ୍ର ରୁଦ୍ର ନାରାୟଣ ପଣ୍ଡାଙ୍କୁ ଦ୍ୱିତୀୟ , ବାଙ୍କିମୁଣ୍ଡାଇ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ର ଦୀପ୍ତିମୟୀ ସୂତାରଙ୍କୁ ତୃତୀୟ ଏବଂ ଛାତ୍ରୀ ଶ୍ରୁତିରେଖା ଜେନାଙ୍କୁ ସାନ୍ତ୍ୱନା ପୁରସ୍କାର ପାଇଁ ବିବେଚିତ କରିଥିଲେ। ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ଉତ୍ସବ ପୂର୍ବରୁ ଆସନ୍ତା ଫେବୃୟାରୀ ୯ ତାରିଖରେ ପୁରାତନ ଛାତ୍ର ସଂସଦର ସାଧାରଣ ବୈଠକ ହେବ ବୋଲି ଜଣାଯାଇଛି ।

# ନିର୍ମାଣ ଶ୍ରମିକଙ୍କୁ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ

ରାଜକନିକା,୧୭।୧(ଡି.ଏନ୍.ଏ.)

ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘ ରାଜକନିକା ବ୍ଲକ ଶାଖାର ବାର୍ଷିକ ଉତ୍ସବ ଏଠାରେ ଅନୁଷ୍ଠିତ ହୋଇଯାଇଛି । ରାଜକନିକା ବ୍ଲକ ଶାଖାର ସଭାପତି ମହେଶ୍ୱର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଶାଖାର ସାଧାରଣ ସଂପାଦକ ଅଶୋକ କୁମାର ତ୍ରିପାଠୀ ଯୋଗଦେଇ ନିର୍ମାଣ ଶ୍ରମିକଙ୍କ ମଜୁରୀ ବୃଦ୍ଧି ଓ ସରକାରଙ୍କ ତରଫରୁ ମିଳୁଥିବା ସରକାରୀ ସହାୟତାକୁ ବଢାଇବା ପାଇଁ ଦାବି କରିଥିଲେ । ବିବାହ ସହାୟତା ରାଶି ଦୁଇ ଲକ୍ଷ ଟଙ୍କା, କିଟ୍ ପାଇଁ ୨୦ ହଜାର ଟଙ୍କା ପ୍ରଦାନ ସହିତ ବଡ ବଡ କୋଠା ଲୋକାର୍ପଣ ସମୟରେ ମୁଖ୍ୟ ଶ୍ରମିକମାନଙ୍କ ନାମ ଫଳକରେ ରହିବା ନିମନ୍ତେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ । ଆସନ୍ତା ଫେବୃୟାରୀ ମାସରେ କେନ୍ଦ୍ରାପଡାଠାରେ ହେବାକୁ ଥିବା ଜିଲାସ୍ତରୀୟ ସମାବେଶରେ ରାଜକନିକାର ସମସ୍ତ ନିର୍ମାଣ ଶ୍ରମିକ ଯୋଗଦେବା ପାଇଁ ସେ ସମସ୍ତଙ୍କୁ ନିବେଦନ କରିଥିଲେ।



ଉତ୍ସବରେ ଯୋଗ ଦେଇଥିବା ନେତୃବୃନ୍ଦ ।

ସମ୍ମାନିତ ଅତିଥି ଭାବେ ରାଜନଗର ବ୍ଲକ ଶାଖାର ସଭାପତି ଜଗନ୍ନାଥ ମହାନ୍ତି ଯୋଗଦେଇ ଶ୍ରମିକମାନଙ୍କ ସମସ୍ୟା ଦୂର କରିବା ପାଇଁ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦୟନାଥ ବେହେରା, ମୁରଲୀଧର ବେହେରା, ନିରଞ୍ଜନ ବେହୁରା, ସୁରେଶ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ ସାମଲ, ନାଗାର୍ଜୁନ ମହାନ୍ତି, ଅଜାମିଳ ନାୟକ ଏବଂ ଜୟରାମ ସୂତାର ଯୋଗ ଦେଇଥିଲେ। ବିଶ୍ୱମ୍ବର ରାଉତ, ବଟକୃଷ୍ଣ ବେହେରା, ଅନନ୍ତ ରାଉତ, ଶତ୍ରୁଘ୍ନ ସାମଲ, ଅକ୍ଷୟ କୁମାର ନାଥ, ଶରତ ଚନ୍ଦ୍ର ସେଠୀ ଓ ଅମର କୁମାର ବଳ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଅକ୍ଷୟ କୁମାର ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀ ପୂର୍ବରୁ ନିର୍ମାଣ ଶ୍ରମିକ ସଂଘର କର୍ମକର୍ତ୍ତାମାନେ ମୁଖ୍ୟଅତିଥି ତ୍ରିପାଠୀଙ୍କୁ ଚନ୍ଦନପୋଖରୀ ଛକ ଠାରୁ ଏକ ଶୋଭାଯାତ୍ରାରେ ପାଛୋଟି ଆଣିବା ସହିତ ସମ୍ବର୍ଦ୍ଧିତ କରିଥିଲେ ।

# ବଢୁଛି ଦୁର୍ଘଟଣା, କାଗଜପତ୍ରରେ ଚାଲିଛି ସଚେତନତା

କେନ୍ଦ୍ରାପଡ଼ା ଅଫିସ,୧୭।୧

ଚଳିତ ମାସର ୧୫ ଦିନ ମଧ୍ୟରେ କେନ୍ଦ୍ରାପଡା ଜିଲାର ବିଭିନ୍ନ ସ୍ଥାନରେ ୯ଟି ଛୋଟ ବଡ ରାସ୍ତା ଦୁର୍ଘଟଣା ହୋଇ ଗଲାଣି। ଗତ ୨ ତାରିଖରେ ଦୁହୁରିଆ ଠାରେ କାର ଦୁର୍ଘଟଣାରେ ୨ ଜଣ ଯୁବକଙ୍କ ଜୀବନହାନୀ ହୋଇଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଦ୍ୟାବଧି ୧୭ ଜଣ ଚିକିତ୍ସିତ ହୋଇଛନ୍ତି। ୮ ଗୁରୁତରଙ୍କୁ କଟକ ବଡ ମେଡିକାଲକୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି । ଜିଲାରେ ଚାଲିଥିବା ଏହି ଦ୍ରୁତ ଦୁର୍ଘଟଣାର ନିରାକରଣ ପରିବର୍ତ୍ତେ ଜିଲା ପ୍ରଶାସନ ଏହାକୁ ଅଣଦେଖା କରିଛି। ରାସ୍ତା ଦୁର୍ଘଟଣା ମୃତାହତଙ୍କ ସଂଖ୍ୟା ସମ୍ପର୍କରେ ଜିଲା ପରିବହନ ବିଭାଗ, ପୋଲିସ ପ୍ରଶାସନ ଉଦାସୀନ ରହୁଛି। ସେହିପରି ଜିଲା ପ୍ରଶାସନ ଏହାର କାରଣ ଖୋଜିବା ପରିବର୍ତ୍ତେ ନୀରବ ରହିବା ନେଇ ବହୁ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି। ଜନ ସଚେତନତା କାଗଜପତ୍ରରେ ସୀମିତ ବୋଲି ସେମାନେ



ପ୍ରକାଶ କରିଛନ୍ତି । ସଡକ ନିରାପତ୍ତା ପାଇଁ ଜନସଚେତନତା, ଡ୍ରାଇଭିଂ ଲାଇସେନ୍ସ କଟକଣା ସହ କଠୋର ଆଇନ ସହାୟକ ହୋଇ ପାରୁ ନ ଥିବା ସାମାଜିକ କର୍ମୀ ପ୍ରଭାକର ସାମଲ କହିଛନ୍ତି । ସେ କହିଛନ୍ତି ଯେ, ଦୁର୍ଘଟଣା ପାଇଁ ସଡକର ଅବସ୍ଥା, ଚାଳକଙ୍କ ମଦ୍ୟପାନ ଓ ମୋବାଇଲରେ କଥାବାର୍ତ୍ତା, ଖାମଖିଆଲି ଗାଡି ଚାଳନା ପ୍ରମୁଖ କାରଣ ହୋଇଛି । ରାସ୍ତାରେ ମନୋମୁଖୀ ହମ୍ପସ ନିର୍ମାଣ, ତ୍ରୁଟିପୂର୍ଣ୍ଣ ନକ୍ସାରେ ରାସ୍ତା ନିର୍ମାଣ ଦୁର୍ଘଟଣାକୁ ବଢାଉଛି । ପ୍ରଶାସନିକ ସ୍ତରରେ ଏନେଇ ଦାୟିତ୍ୱବୋଧ ନ ଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି ବୋଲି ସାମାଜିକ କର୍ମୀ ସାମଲ କହିଛନ୍ତି। ସାମାଜିକ କର୍ମୀ ବାନାମ୍ବର ସାହୁ କହିଛନ୍ତି ଯେ, ଏସପି, ଜାତୀୟ ରାଜପଥର ସ୍ଥାନୀୟ ପ୍ରକଳ୍ପ ଅଧିକାରୀ, ଉପଜିଲାପାଳ, ଜାତୀୟ ରାଜପଥର ସ୍ଥାନୀୟ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ, ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଏହି କମିଟି ଦୁର୍ଘଟଣାସ୍ଥଳଗୁଡିକ ଚିହ୍ନଟ କରି ଏହାର କାରଣ ଓ ନିରାକରଣ ବ୍ୟବସ୍ଥା କରିବେ । ତେବେ ଏହି କମିଟି କେବଳ କାଗଜପତ୍ରରେ ସୀମିତ ଥିବା ଯୋଗୁ ସୁଫଳ ମିଳୁନାହିଁ । ସାମାଜିକ କର୍ମୀ ମନୋଜ କୁମାର ନାୟକ କୁହନ୍ତି ଯେ, ଚାଳକଙ୍କ ମଦ୍ୟପାନ ଓ ବେପରୁଆ ଗାଡିଚାଳନା ଯୋଗୁ ବହୁ ସମୟରେ ସଡକ ଦୁର୍ଘଟଣା ହେଉଛି। ଏଥିପ୍ରତି ଯୁବଗୋଷ୍ଠୀଙ୍କୁ ସଚେତନ କରାଇବା ପାଇଁ ପାଠ୍ୟକ୍ରମ ପ୍ରଚଳନ ଓ ପ୍ରଶାସନିକ ତତ୍ପରତା ବୃଦ୍ଧି ପାଇବା ଆବଶ୍ୟକ । ସେ କହିଛନ୍ତି ଯେ, ବହୁ ଗାଡିର ଏବେ ସଡ଼କ ଉପରେ ଚାଲିବା ପାଇଁ ଲାଇସେନ୍ସ ନାହିଁ । ସେହିପରି ବିଭିନ୍ନ ବେସରକାରୀ ଶିକ୍ଷାନୁଷ୍ଠାନରେ ନିୟୋଜିତ ଗାଡି ଚାଳକଙ୍କ ପରମିଟ ଓ ଅନ୍ୟାନ୍ୟ କାଗଜପତ୍ର ନ ଥିବା ଦେଖିବାକୁ ମିଳୁଛି । ଏନେଇ ପରିବହନ ଅଧିକାରୀଙ୍କ ନିଘା ନାହିଁ । ରାସ୍ତା ନିର୍ମାଣ ସମୟରେ ଏହାର ସ୍ଥାୟିତ୍ୱ ନେଇ ଠିକାଦାର ସହ ଏକ ଚୁକ୍ତିପତ୍ର ହେଉଛି । ମାତ୍ର ନିର୍ମାଣର ମାତ୍ର କେତୋଟି ଦିନ ପରେ ରାସ୍ତା ଭାଙ୍ଗି ଯାଉଛି । ରାସ୍ତା ପାର୍ଶ୍ୱରେ ଚଲା ରାସ୍ତା ନ ଥିବାରୁ ଦୁର୍ଘଟଣା ସଂଖ୍ୟା ବଢୁଛି। ହମ୍ପସ ଚିହ୍ନଟ ହେଉନାହିଁ । ଟ୍ରାଫିକ ସମସ୍ୟା ରାଜ୍ୟରେ ଗୁରୁତର ଅଛି । ଏ ସମ୍ପର୍କରେ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ କୁହନ୍ତି ଯେ, ସଡ଼କ ଦୁର୍ଘଟଣା ରୋକିବା ପାଇଁ ସଡ଼କ ନିରାପତ୍ତା ସପ୍ତାହ ପାଳନ ସହ ବ୍ୟାପକ ଜନସଚେନେତା ସୃଷ୍ଟି କରାଯାଉଛି ।

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଜାନୁୟାରୀ ୧୮/୨୦୨୦ Bhubaneswar, Saturday, January 18/ 2020

# ଲୁଣା ନଦୀ ଜଳସ୍ତର କମୁଛି

## ଚାଷ ଓ ପାନୀୟ ଜଳ ପ୍ରଭାବିତ ଆଶଙ୍କା

କେନ୍ଦ୍ରାପଡା ଅଫିସ, ୧୭।୧

ଖରାଦିନ ଆରମ୍ଭ ହୋଇନାହିଁ । ସହର ପାଇଁ ପାନୀୟ ଜଳ ଉତ୍ସ ଲୁଣା ନଦୀ ଶୁଖିବାକୁ ଆରମ୍ଭ କରିଛି । ପିଏଚଡି ଓ ଜଳ ସମ୍ପଦ ବିଭାଗ ପକ୍ଷରୁ ଦୁଇ ଦିନ ପୂର୍ବେ ଲୁଣା ନଦୀ ଗର୍ଭରୁ ଏକ ନାଳି କରାଯାଇ କଳପଡା ମୋଟର ପମ୍ପ ହାଉସ ପର୍ଯ୍ୟନ୍ତ ପାଣି ଅଣାଯାଇଛି । ତେବେ ଏହି ନାଳି ଗଭୀରତାକୁ ଲକ୍ଷ୍ୟ କଲେ ଚଳିତ ମାସ ଶେଷ ସୁଦ୍ଧା ଏହାର ପୁନଃଖନନ ଆବଶ୍ୟକତା ପଡିବ । ଲୁଣା ନଦୀର ଜଳସ୍ତର କମିବା ଫଳରେ ପାନୀୟ ଜଳ ସହିତ ଚାଷ ମଧ୍ୟ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି ।

ଜିଲା ଜଳ ସମ୍ପଦ ବିଭାଗ ତଥ୍ୟ ଅନୁଯାୟୀ, ପଡାଗୟାସପୁର, ଗୟାସପୁର, ଥାଉରୀ, ଚଢ଼େଇଗୁଆଁ, ରାଜଗଡ ଅଙ୍ଗୁଳାଇ ଆଦି ସ୍ଥାନରେ ଲୁଣାନଦୀର ଚେକ୍‌ଡ୍ୟାମ ନିର୍ମାଣ ହୋଇଛି । ପାନୀୟ ଜଳ ପରିଚାଳନା ସହିତ ଚାଷକୁ ଉପଯୁକ୍ତ ସମୟରେ ଜଳସେଚନ କରିବା ଏହାର ଉଦ୍ଦେଶ୍ୟ । ତେବେ ଖରା ଆରମ୍ଭରୁ ଲୁଣାନଦୀ ଶୁଖିବା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି । ଏହାକୁ ଚିରସ୍ରୋତା କରାଯାଇ ପାରିଲେ ମାର୍ଶାଘାଇ ଓ ମହାକାଳପଡା ବ୍ଲକ ଅଞ୍ଚଳର ପ୍ରାୟ ୧୦ ହଜାର ହେକ୍ଟର କ୍ଷେତରେ ଜଳ ପରିଚାଳନା ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ୨୬ ନଂ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି ଯେ, ଲୁଣାନଦୀ କେନ୍ଦ୍ରାପଡା ଜିଲା ମଧ୍ୟଦେଇ ପ୍ରବାହିତ । ଏହି ନଦୀରେ ବ୍ରିଟିଶ ଶାସନ ସମୟରେ ନୌବାଣିଜ୍ୟ ହେଉଥିଲା । ତେବେ ଏହାର ରକ୍ଷଣାବେକ୍ଷଣ ଅଭାବ, ବେଆଇନ ବାଲି ଓ ମାଟି ଉତ୍ତୋଳନ, ଜବରଦଖଲ ଆଦି ନଦୀର ଗତିପଥ ପରିବର୍ତ୍ତନ ସହ ଜଳଧାରାକୁ ରୋକିଛି । ଏଥିସହିତ ସେ ପ୍ରକାଶ କରିଛନ୍ତି ଯେ, ଜିଲାବାସୀଙ୍କ ଜୀବିକା ହେଉଛି କୃଷି । ତେବେ କୃଷି ପାଇଁ ବ୍ୟବହୃତ ଜମିରୁ ୧୫,୮୫୦ ହେକ୍ଟର ଅଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ନାହିଁ । ସେହିପରି ଜିଲାର ୩୨,୩୫୦ ହେକ୍ଟର ଅଞ୍ଚଳ ଲୁଣାଞ୍ଚଳ ଭାବେ ପରିଚିତ ଥିବା ବେଳେ ୩୪୯୫୨ ହେକ୍ଟରରେ ବନ୍ୟାଜଳ ମାଡିଯାଉଛି । ଏଥିସହିତ ଜିଲାର ୮୪,୯୧୦ ହେକ୍ଟର ଜମି ମରୁଡି ଅଞ୍ଚଳ ଭାବେ ଘୋଷିତ ହୋଇଛି । ଜଳର ସୁପରିଚାଳନା ନ ହେଲେ ଜିଲାର ଆର୍ଥିକ ବିକାଶ ହୋଇ ପାରିବ ନାହିଁ । ଏହି ସମସ୍ୟାର ନିରାକରଣ ପାଇଁ ଜିଲା ପରିଷଦ ବୈଠକରେ ବାରମ୍ବାର ଦୃଷ୍ଟିଆକର୍ଷଣ କରା ଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ । ଏ ସମ୍ପର୍କରେ ଡେରାବିଶର ସାମାଜିକ କର୍ମୀ ସୁଖଦାନନ୍ଦ ପ୍ରଧାନ କହିଛନ୍ତି ଯେ, ଲୁଣାନଦୀର ଜଳ ଦ୍ୱାରା ମୁଖ୍ୟ ଫସଲ ଧାନ ସହିତ ରବିଚାଷ, ନଳିତା, ବାଦାମ ଓ ଅନ୍ୟାନ୍ୟ ପନିପରିବା ହୋଇ ପାରୁଥିଲା । ତେବେ ଗତ କିଛିବର୍ଷ ଧରି ଲୁଣାରେ ଆସୁଥିବା ପାଣି ସ୍ତର କମିଯାଇଛି । ମହାନଦୀର ଉପର ମୁଣ୍ଡରେ ଛତିଶଗଡ ସରକାରଙ୍କ ବନ୍ଧ ନିର୍ମାଣ ଫଳରେ ଏପରି ସମସ୍ୟା ହୋଇଥିବା ସେ ପ୍ରକାଶ କରିଛନ୍ତି । ଏଥିସହିତ ସେ ପ୍ରକାଶ କରିଛନ୍ତି ଯେ, ଜିଲାରେ ବିଭିନ୍ନ ନଦୀ ପ୍ରବାହିତ ହେଉଛି । ଏହି ନଦୀକୁ ସଂଯୋଗୀକରଣ କରାଯାଇ ବିଭିନ୍ନ ସ୍ଥାନରେ ବ୍ୟାରେଜ ନିର୍ମାଣ କରାଗଲେ ଜିଲାର କ୍ଷେତକୁ ଜଳସେଚନ ବ୍ୟବସ୍ଥା ହୋଇପାରନ୍ତା । ତେବେ ଏନେଇ କୌଣସି ପ୍ରଶାସନିକ ଅଧିକାରୀ ଅଥବା ରାଜନେତା ମୁଣ୍ଡ ଖେଳାଉ ନ ଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ସହରର ସେକ୍ ସାବିର କୁହନ୍ତି ଯେ, ଲୁଣାନଦୀର ଜଳସ୍ତର କମୁଛି । ଆଗାମୀ ଦିନରେ ସହରରେ ପାନୀୟ ଜଳ ବ୍ୟବସ୍ଥା ଉପରେ ଏହାର ପ୍ରଭାବ ପଡିବ । ଏନେଇ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ରାଉତ କୁହନ୍ତି ଯେ, ଏହି ନଦୀର ଉନ୍ନତୀକରଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି ।



ମାର୍ଶାଘାଇ ନିକଟ କଳପଡ଼ାଠାରେ ଲୁଣା ନଦୀ ।

## ଅବକାରୀ ଚଢ଼ାଉ, ୨ ଗିରଫ

ଆଠଗଡ଼, ୧୭।୧(ସ୍ୱ.ପ୍ର.)

ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର କୋରଙ୍ଗା ଗ୍ରାମର ଏକାଧିକ ମଦ ପ୍ରସ୍ତୁତି ଆଡ୍ଡାରେ ଚଢ଼ାଉ କରାଯାଇଛି । ଚଢାଉବେଳେ ୪୬୬୦ ଲିଟର ଗୁଡ଼ ପୋଚ ଓ ସଦ୍ୟ ପ୍ରସ୍ତୁତ ୨୨୫ ଲିଟର ଦେଶୀମଦ ଜବତ କରାଯାଇଛି । ଏଥିସହିତ ମଦ ଚୋରା ଚାଲାଣ କରୁଥିବା ଚକରା ନାଏକ ଓ ମକରଧ୍ୱଜ ନାଏକଙ୍କୁ ଗିରଫ କରାଯାଇଛି । ଆଠଗଡ଼ ଅବକାରୀ ନିରୀକ୍ଷକ ସଞ୍ଜିତ ବାର୍ଲାଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା ।




# ଶିକ୍ଷକ ନିଯୁକ୍ତି ଓ ମଧ୍ୟାହ୍ନ ଭୋଜନ ଯୋଗାଣ ଦାବିରେ ରାସ୍ତାରୋକୋ

ଡେରାବିଶ, ୧୭।୧(ସ୍ୱ.ପ୍ର.)

ଡେରାବିଶ ଶିକ୍ଷା ସର୍କଲ ଅଧୀନ ବସପୁର ପଞ୍ଚାୟତର ବସପୁର ପ୍ରାଥମିକ ବିଦ୍ୟାଳୟକୁ ଇତିମଧ୍ୟରେ ଆରିପଦା ହାଇସ୍କୁଲରେ ମିଶ୍ରଣ କରାଯାଇଛି । ତେବେ ବସପୁର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଆରିପଦା ହାଇସ୍କୁଲ ନ ଯାଇ ପୂର୍ବପରି ନିଜ ବିଦ୍ୟାଳୟରେ ଗ୍ରାମର ଜଣେ ଶିକ୍ଷିତା ମହିଳାଙ୍କ ଦ୍ୱାରା ପାଠ ପଢୁଛନ୍ତି । ସରକାର ସେମାନଙ୍କୁ ପାଠ ପଢ଼ାଇବା ପାଇଁ ଶିକ୍ଷକ ଓ ମଧ୍ୟାହ୍ନ ଭୋଜନ ଯୋଗାଇ ଦେବା ଦାବିରେ ଶୁକ୍ରବାର ସକାଳୁ ବସପୁର ଲକ୍ ଠାରେ ଉକ୍ତ ଗ୍ରାମର ପୁରୁଷ, ମହିଳା ଓ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି । ରିପୋର୍ଟ ଲେଖା ହେବା ଯାଏ ଧାରଣାସ୍ଥଳକୁ କୌଣସି ବିଭାଗୀୟ କିମ୍ବା ପ୍ରଶାସନିକ ଅଧିକାରୀ ଆସିନାହାନ୍ତି । ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ସଦର ଥାନା ପୋଲିସ ମୁତୟନ ହୋଇଥିବା ଦେଖାଯାଇଛି ।

ପ୍ରକାଶ ଯେ, ସରକାରଙ୍କ ଶିକ୍ଷାନୀତି ଅନୁଯାୟୀ ଯେଉଁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୦ରୁ କମ୍ ଥିବ ସେହି ବିଦ୍ୟାଳୟକୁ ଏକ କିଲୋମିଟର ମଧ୍ୟରେ ଥିବା ବିଦ୍ୟାଳୟରେ ମିଶ୍ରଣ କରାଯିବ । ତଦନୁଯାୟୀ ଗତବର୍ଷ ୧୭ଜଣ ଶିକ୍ଷାର୍ଥୀ ଥିବା ବସପୁର ବିଦ୍ୟାଳୟକୁ ଆରିପଦା ହାଇସ୍କୁଲରେ ବିଧିବଦ୍ଧ ଭାବେ ମିଶ୍ରଣ କରି ଦିଆଗଲା । କିନ୍ତୁ ବସପୁର ଠାରୁ ଆରିପଦା ହାଇସ୍କୁଲକୁ ଯିବା ରାସ୍ତାରେ ଅହରହ ବାଲି ବୋଝେଇ ଭାରିଯାନ ଚଳାଚଳ କରୁଥିବା କାରଣରୁ ଅଭିଭାବକମାନେ ନିଜ ପିଲାଙ୍କୁ ସେଠାକୁ ପଠାଇବାକୁ ନିରାପଦ ମନେ କରୁନାହାନ୍ତି । ବସପୁର ଲକ୍ ଠାରେ ବାନାମ୍ବର ଲେଙ୍କା, ଅରକ୍ଷିତ ନାୟକ, ମୋହନ ଚରଣ ନାୟକ, ଅର୍ଜ୍ଜୁନ ଚରଣ ନାୟକ, ରାଜକିଶୋର ନାୟକ, ସୁକାନ୍ତ ନାୟକ, ବିଶ୍ୱରଞ୍ଜନ ନାୟକ, ମିନତି ନାୟକ, ନିରୁପମା ନାୟକ, ରିମଝିମ୍ ନାୟକଙ୍କ ନେତୃତ୍ୱରେ ଗ୍ରାମବାସୀ ଧାରଣରେ ବସିଛନ୍ତି । ରାତି ହେବାରୁ ଗ୍ରାମବାସୀ ଧାରଣାରୁ ନିବୃତ୍ତ ରହି ଶନିବାର ପୁନର୍ବାର ଧାରଣାରେ ବସିବେ ବୋଲି ଜଣାଇଛନ୍ତି ।

### ବସପୁର ପ୍ରାଥମିକ ବିଦ୍ୟାଳୟ



ଧାରଣାରତ ଛାତ୍ରୀଛାତ୍ର ଓ ଗ୍ରାମବାସୀ ।




# କ୍ଷତିଗ୍ରସ୍ତ ଜିଓ ଟ୍ୟୁବ୍ ଅନୁଧାନ କଲେ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ



ପେଣ୍ଠ ବେଳାଭୂମି ନିକଟରେ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ।

ରାଜନଗର, ୧୭।୧(ଡି.ଏନ.ଏ.)

ରାଜନଗର ବ୍ଲକ ପେଣ୍ଠ ବେଳାଭୂମିରେ ନିର୍ମାଣ ହୋଇଥିବା ଭାରତର ଦ୍ୱିତୀୟ ଓ ଓଡିଶାର ଏକମାତ୍ର ଜିଓ ସିନ୍ଥେଟିକ ୱାଲରେ ଗତ ୯ ତାରିଖ ଦିନ ଅଗ୍ନିକାଣ୍ଡ ଘଟି ୩୦ଟି ଗ୍ୟାବିୟନ ବକ୍ସ କ୍ଷତିଗ୍ରସ୍ତ ହୋଇଥିଲା । ଶୁକ୍ରବାର ଜିଓ ଟ୍ୟୁବ୍‌ର ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗର ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଏହାକୁ କିପରି ସୁରକ୍ଷା ଦିଆଯିବ ସେ ନେଇ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଅକ୍ଷୟ କୁମାର ବାନାର୍ଜୀଙ୍କ ନେତୃତ୍ୱରେ ମୁଖ୍ୟଯନ୍ତ୍ରୀ ଯୁଗଳ କିଶୋର ତ୍ରିପାଠୀ, ରେଙ୍ଗାଳି ମୁଖ୍ୟଯନ୍ତ୍ରୀ ସୁଶାନ୍ତ କୁମାର ରଥ, ଜଳ ନିଷ୍କାସନ ବିଭାଗର ମୁଖ୍ୟଯନ୍ତ୍ରୀ ଜ୍ୟୋତି ରଥ, ମୁଖ୍ୟଯନ୍ତ୍ରୀ ଚଣ୍ଡିଖୋଲ ଚଣ୍ଡେଶ୍ୱର ବେହେରା, ନିର୍ବାହୀଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, ସହକାରୀ ନିର୍ବାହୀଯନ୍ତ୍ରୀ ଉମେଶ ଚନ୍ଦ୍ର ସ୍ୱାଇଁ, ସହକାରୀ ଯନ୍ତ୍ରୀ ଏ.କେ. ବେହେରା, ଲଲାଟେନ୍ଦୁ ଜେନା ପ୍ରମୁଖ ପେଣ୍ଠ ନିକଟରେ ପହଞ୍ଚି ସ୍ଥିତି ଅନୁଧାନ କରିଥିଲେ ।

ସୂଚନାଯୋଗ୍ୟ ଯେ, କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ପେଣ୍ଠ ନିକଟରେ ସମୁଦ୍ର କୂଳ ଲଂଘୁ ଥିବାରୁ ୫୦୫ ମିଟର ଜିଓ ସିନ୍ଥେଟିକ ୱାଲ ନିର୍ମାଣ କରାଯାଇଥିଲା । ଏଥିପାଇଁ ୩୩ କୋଟି ଟଙ୍କା ବ୍ୟୟ କରାଯାଇଥିଲା । ସମୁଦ୍ର ଜୁଆର ମାଡରୁ ସିନ୍ଥେଟିକ ୱାଲକୁ ସୁରକ୍ଷା ଦେବା ପାଇଁ ସିନ୍ଥେଟିକ ୱାଲ ଉପରେ ଗ୍ୟାବିୟନ ବକ୍ସ ରଖା ଯାଇଥିଲା । ପଲିମର ଜାତୀୟ ଦଉଡିରେ ତିଆରି ଜାଲି ମଧ୍ୟରେ ପଥରଖଣ୍ଡ ପୁରାଯାଇ ଏହି ସୁରକ୍ଷା ୱାଲ ନିର୍ମାଣ କରାଯାଇଥିଲା । ତେବେ ବାରମ୍ବାର ଅଗ୍ନିକାଣ୍ଡରେ ଗ୍ୟାବିୟନ ବକ୍ସ ନଷ୍ଟ ହେବା ପରେ ଜିଓ ସିନ୍ଥେଟିକ ୱାଲର ସୁରକ୍ଷା ନେଇ ଆଶଙ୍କା ପ୍ରକାଶ ପାଇଛି । ଆନ୍ଧ୍ରର ଉପଡା ଠାରେ ପ୍ରଥମ ଓ ଓଡିଶାର ପେଣ୍ଠ ନିକଟରେ ଭାରତର ଦ୍ୱିତୀୟ ଜିଓ ସିନ୍ଥେଟିକ ୱାଲ ରହିଛି ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

**ସଂକ୍ଷେପରେ**

## ଛାତ୍ରୀଙ୍କୁ ଅସଦାଚରଣ, ସ୍କୁଲ ବସ୍ ଚାଳକଙ୍କୁ ପିଟିଲେ ଗ୍ରାମବାସୀ

**ନୟାଗଡ଼ ଅଫିସ,୧୭।୧**-ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳରେ ଶୁକ୍ରବାର ଏକ ସ୍କୁଲ ବସ୍‌ର ଚାଳକ ଜଣେ ୮ ବର୍ଷର ଛାତ୍ରୀଙ୍କୁ ଅସଦାଚରଣ କରିବାବେଳେ ସ୍ଥାନୀୟ ଲୋକଙ୍କଠାରୁ ନିସ୍ତୁକ ମାଡ ଖାଇଛନ୍ତି। ପରେ ଚାଳକ ଜଣଙ୍କୁ ପୋଲିସର ଜିମା ଦିଆଯାଇଛି। ପ୍ରକାଶ ଯେ, ଇଟାମାଟି ଅଞ୍ଚଳର ଏକ ଘରୋଇ ବିଦ୍ୟାଳୟରେ ଲାଗିଥିବା ବସ୍‌ର ଚାଳକ ପୂର୍ଣ୍ଣ ସାହୁ ପ୍ରତିଦିନ ପରି ଶୁକ୍ରବାର ପିଲାଙ୍କୁ ବିଦ୍ୟାଳୟରୁ ନେଇ ଘରେ ଛାଡିଥିଲେ। ଇକିରି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅପରାହ୍ନ ୪ଟା ୧୦ ମିନିଟରେ ଜଣେ ଛାତ୍ରୀଙ୍କୁ ଛାଡୁଥିବା ବେଳେ ତାଙ୍କ ସହିତ ଅସଦାଚରଣ କରୁଥିବା ଗ୍ରାମର ଲୋକମାନେ ଦେଖିଥିଲେ। ଏହାପରେ ଗ୍ରାମବାସୀ ଚାଳକଙ୍କୁ ପିଟିବା ସହିତ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୂର୍ଣ୍ଣଙ୍କୁ ଥାନାକୁ ଆଣିଥିଲା। ଏ ନେଇ ଇଟାମାଟି ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ଚାଳକ ପୂର୍ଣ୍ଣଙ୍କୁ ଅଟକ ରଖାଯାଇଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି।

## ପ୍ରଫୁଲ୍ଲ ଯୋଜନା: ୫ ଯୋଡ଼ିଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ

**ପୁରୀ ଅଫିସ,୧୭।୧:** ବାତ୍ୟା ଫନୀ ପରେ ପୁରୀ ଜିଲାର ଦିବ୍ୟାଙ୍ଗମାନଙ୍କୁ ଶିକ୍ଷା, ସାମାଜିକ ସୁରକ୍ଷା, ଜୀବନ ଜୀବିକା ଆଦିରେ ସହାୟତା କରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ପ୍ରଫୁଲ୍ଲ ଯୋଜନା। ଏଥିରେ ଦିବ୍ୟାଙ୍ଗମାନଙ୍କ ଜୀବନଧାରଣ ମାନ କିପରି ଉନ୍ନତ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ଶୁକ୍ରବାର ୫ ଯୋଡ଼ିଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ବଲାଙ୍ଗୀର ପ୍ରଭାକର ନାୟକ ଓ ଦେବକୀ ନାୟକ, ପିପିଲିର ରୁକ୍‌ସାନା ଖାତୁନ ଓ ହୁମାୟୁନ ଖାଁ, ପୁରୀର ସୁମନ୍ତ ପଲେଇ ଓ ଟୁକୁନା ପ୍ରଧାନ, ବଲାଙ୍ଗୀର ଅନୁପମା କର ଓ ରବୀନ୍ଦ୍ର ପଣ୍ଡା, ନିମାପଡ଼ାର ଜଗବନ୍ଧୁ ରାଉତ ଓ ବିନୋଦିନୀ କାଣ୍ଡି ଏହି ୫ ଦିବ୍ୟାଙ୍ଗ ଯୋଡ଼ିଙ୍କୁ ପ୍ରୋତ୍ସାହନ ରାଶି ଦିଆଯାଇଛି। ପ୍ରତ୍ୟେକ ଯୋଡ଼ିଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରଫୁଲ୍ଲ ଯୋଜନାର ମିଡିଆ ତଥା ଜୀବନଜୀବିକା ପରାମର୍ଶଦାତା ସିଦ୍ଧାର୍ଥ ରାୟ ଏହି ପ୍ରୋତ୍ସାହନ ରାଶି ପ୍ରଦାନ କରି ସେମାନଙ୍କ ମଙ୍ଗଳମୟ ଜୀବନ କାମନା କରିଥିଲେ। ସୂଚନାଥାଉ କି, ଜଣେ ଦିବ୍ୟାଙ୍ଗଙ୍କୁ ଜଣେ ସକ୍ଷମ ବ୍ୟକ୍ତି ବିବାହ କଲେ ୫୦ ହଜାର ଟଙ୍କା ସହାୟତା ରାଶି ଦିଆଯିବାର ବ୍ୟବସ୍ଥା ରହିଛି। ଏହି ରାଶି ପାଇବାକୁ ଇଚ୍ଛା କରୁଥିବା ବିବାହିତ ଯୋଡ଼ି ଜିଲା ସାମାଜିକ ସୁରକ୍ଷା ତଥା ଭିନ୍ନକ୍ଷମ ସଶକ୍ତିକରଣ କାର୍ଯ୍ୟାଳୟରେ ଆବେଦନ କରିପାରିବେ ବୋଲି ଜିଲା ସମାଜ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢ଼ୀ କହିଛନ୍ତି।

## ଡକାୟତି ଯୋଜନା, ୪ ଗିରଫ

**ଜଟଣୀ,୧୭।୧(ଡି.ଏନ୍.ଏ.):** ଡକାୟତି ଯୋଜନା କରୁଥିବା ବେଳେ ଜଟଣୀ ପୋଲିସ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଟଣୀ ଥାନା ରଘୁନାଥନଗର ଅଞ୍ଚଳର ସତୀଶ କୁମାର ସୁବୁଦ୍ଧି, ବଡ଼ନୂଆଗାଁର ଆଦିତ୍ୟ ବାରିକ, କିଶୋର ମହାପାତ୍ର, ବିକାଶନଗର ଅଞ୍ଚଳର ହିରଣ୍ୟ କୁମାର ବେହେରା। ଏମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ ହୋଇଛି। ସ୍ଥାନୀୟ ଗ୍ୟାସ୍ ଫ୍ୟାକ୍ଟ୍ରି ରାସ୍ତାରେ ଗୁରୁବାର ରାତିରେ ୪ଜଣ ଡକାୟତି ପାଇଁ ଯୋଜନା କରୁଥିଲେ।

# ଜୋର୍ ଧରିଲା ଉଚ୍ଛେଦ ଅଭିଯାନ

**ପୁରୀ ଅଫିସ,୧୭।୧**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପୁରୀ ଗସ୍ତରେ ଆସିଥିଲେ। ମହାପ୍ରଭୁଙ୍କ ଦର୍ଶନ କରିବା ସହ ପୁରୀର ବିକାଶ ପାଇଁ ୭ଟି ମେଗା ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏଥିସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ନକ୍ସାକୁ ମଧ୍ୟ ଅନୁଧ୍ୟାନ କରିଥିଲେ। ୨ ବର୍ଷ ଭିତରେ ସବୁ ପ୍ରକଳ୍ପ କାମ ଶେଷ କରିବାକୁ ଲକ୍ଷ୍ୟ ରହିଥିବାବେଳେ ଶୁକ୍ରବାରଠାରୁ ପୁଣି ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରେ ଉଚ୍ଛେଦ ଅଭିଯାନକୁ ଜୋର୍‌ଦାର କରିଛି ପ୍ରଶାସନ। କାକୁଡ଼ିଖାଇ ଛକରେ ଥିବା ୩ଟି ଘରୋଇ ପ୍ଲଟରୁ କୋଠା ଭଙ୍ଗାଯାଇଛି। ୨ ପ୍ଲାଟୁନ ପୋଲିସ ଫୋର୍ସ, ୪ଜଣ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସମେତ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଏବଂ ଉପଜିଲାପାଳ ଭବତାରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉଚ୍ଛେଦ କରାଯାଇଛି।

କାକୁଡ଼ିଖାଇ ଛକ ଏକ ଜନଗହଳି ଅଞ୍ଚଳ ହୋଇଥିବାରୁ ସକାଳୁ ପୋଲିସ ପକ୍ଷରୁ ବ୍ୟାରିକେଡିଂ କରାଯାଇ ସଂଲଗ୍ନ ରାସ୍ତାକୁ ସିଲ୍ କରାଯାଇଥିଲା। ବାଲିସାହି, ଦକ୍ଷିଣ ଦ୍ୱାର ଓ ଦୋଳମଣ୍ଡପକୁ ସଂଯୋଗ କରୁଥିବା ରାସ୍ତାକୁ ବ୍ୟାରିକେଡିଂ କରାଯାଇଥିଲା। ଏହାପରେ ଉଚ୍ଛେଦ ଆରମ୍ଭ ହୋଇଥିଲା। ୩ଟି ଘରୋଇ ପ୍ଲଟରେ ଥିବା ୨ ମହଲା, ୩ ମହଲା ଓ ୪ ମହଲା ବିଶିଷ୍ଟ କୋଠା ଭଙ୍ଗାଯାଇଥିଲା। କାକୁଡ଼ିଖାଇ ଛକ ପାର୍ଶ୍ୱକୁ ଲାଗି ଶ୍ରୀମନ୍ଦିର ରୋଷଶାଳା ରହିଛି। ଉଚ୍ଛେଦ ସମୟରେ ପ୍ରବଳ ଧୂଳି ଉଡୁଥିଲା। ତେଣୁ ଏହି ଧୂଳି ରୋଷଶାଳାରେ ପଶିବା ଆଶଙ୍କା କରି ଦମକଳ ବାହିନୀ ସହାୟତାରେ ପାଣି ସ୍ପ୍ରେ କରାଯାଇଥିଲା। ତଥାପି ବଡ ବଡ କାନ୍ଥ ଭାଙ୍ଗିବା ବେଳେ ସମଗ୍ର ଅଞ୍ଚଳ ଧୂଳିମୟ ହୋଇଯାଉଥିଲା। ଏହି ଘରୋଇ କୋଠାରେ ଚାଲୁଥିବା କେତେକ ଖଜା ଦୋକାନ ମଧ୍ୟ ଭଙ୍ଗାଯାଇଥିଲା। ସେହିପରି ଏହି କୋଠାକୁ ଲାଗି ରହିଛି ଦର୍ଜି ସେବାୟତ ପରିବାରଙ୍କ ଘର। ପ୍ରଶାସନ ପକ୍ଷରୁ ଶୁକ୍ରବାର ସେମାନଙ୍କୁ ଡକାଯାଇ ଆବଶ୍ୟକ କାଗଜପତ୍ର, ବ୍ୟାଙ୍କ ପାସ୍‌ବୁକ ଏବଂ ଆଧାରକାର୍ଡ ଜେରକ୍ସ କପି ନିଆଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ସହାୟତା ରାଶି ପ୍ରଦାନ କରାଯିବା ପରେ ତାଙ୍କ ଘର ଭଙ୍ଗାଯିବ ବୋଲି ଜଣାପଡ଼ିଛି।

ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ କହିଛନ୍ତି, ସୁରକ୍ଷା ଜୋନ୍‌ରେ ପ୍ରାୟ ୯୦ ପ୍ରତିଶତ ପ୍ଲଟର ସେଲ୍‌ଡିଡ୍ ଶେଷ ହୋଇଛି। ଯେଉଁମାନେ ଦେଇନାହାନ୍ତି ସେମାନଙ୍କ ସହ ସହମତିଭିତ୍ତିକ ଆଲୋଚନା ଚାଲିଛି। ଖୁବ୍‌ଶୀଘ୍ର ଏହାର ବିକ୍ରି କବଲା ହୋଇଯିବ ବୋଲି ଆଶା ରଖିଛୁ। ଯଦି ସେମାନେ ସରକାରଙ୍କୁ ନ ଦିଅନ୍ତି ତା'ହେଲେ ଜମି ଅଧିଗ୍ରହଣ ଆଇନ ଅନୁସାରେ ଏହାକୁ ଅଧିଗ୍ରହଣ କରାଯିବ। ତେବେ ଯେଉଁମାନେ ଜମି ବିକ୍ରି କରି ସେମାନଙ୍କ ଘର ଖାଲି କରିସାରିଛନ୍ତି ପର୍ଯ୍ୟାୟକ୍ରମେ ତାହାକୁ ଉଚ୍ଛେଦ କରାଯାଉଛି। ମଠ ଓ ମନ୍ଦିରର ଗାଦିଘର, ଠାକୁରଙ୍କ ବିଜେସ୍ଥଳୀକୁ ବାଦ୍ ଦିଆଯାଇ ଆଉ ସବୁ ନିର୍ମାଣ ଭଙ୍ଗାଯିବ।


କାକୁଡ଼ିଖାଇ ଛକରେ ଜେସିବି ସାହାଯ୍ୟରେ ଏକ କୋଠା ଭଙ୍ଗାଯାଉଛି।

**ଶ୍ରୀମନ୍ଦିର ସୁରକ୍ଷା ଜୋନ୍**
- କାକୁଡ଼ିଖାଇ ଛକରେ ଭଙ୍ଗାଗଲା ୩ କୋଠା
- ରୋଷଘରେ ଧୂଳି ପଶିବା ଆଶଙ୍କା
- ଉଚ୍ଛେଦ ସମୟରେ ପାଣି ସ୍ପ୍ରେ କରାଗଲା

# ରାସ୍ତା ନିର୍ମାଣସ୍ଥଳ ପରିଦର୍ଶନ କଲେ ବିଭାଗୀୟ ଯନ୍ତ୍ରୀ

**ଖଣ୍ଡପଡ଼ା,୧୭।୧(ସ୍ୱ.ପ୍ର.)**

କଣ୍ଟିଲୋ-ଶୂଳିଆ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ ସଡକରେ ଅନ୍ତର୍ଭୁକ୍ତ କରି ରାସ୍ତାର ଓସାର କମାଇ ଦିଆଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଗୁରୁବାର ଆହୂତ ଗ୍ରାମ ସଭାରେ ଏହାର ପ୍ରତିବାଦ କରାଯାଇ ବିଭାଗୀୟ ଯନ୍ତ୍ରୀମାନଙ୍କୁ ଜଣାଇ ଦିଆଯାଇଥିଲା। ଶୁକ୍ରବାର ଖଣ୍ଡପଡା ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠଯନ୍ତ୍ରୀ ନବୀନ କୁମାର ସେଠୀ ଉକ୍ତ ରାସ୍ତା ପରିଦର୍ଶନରେ ଆସି ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁ, ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା, ଉପଦେଷ୍ଟା ପ୍ରଭାକର ଶିରୋମଣି, ଶ୍ରୀପତି ମହାରଣା, ରାମଚନ୍ଦ୍ର କାଣ୍ଟି, ରାଜକିଶୋର ସାହୁ, ଶରତ ଚନ୍ଦ୍ର ମହାରଣା, ଅନନ୍ତ କୁମାର ମହାପାତ୍ର ପ୍ରମୁଖ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସେମାନେ ରାସ୍ତାର ଓସାର ନ କମାଇ ପୂର୍ବଭଳି ୧୨ଫୁଟ କରିବାକୁ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଣ୍ଟିଲୋ ନୀଳମାଧବ ପୀଠ ପର୍ଯ୍ୟଟନ କେନ୍ଦ୍ର ମାନ୍ୟତା ପାଇଥିବାରୁ ସେହି ରାସ୍ତା ଦେଇ ପ୍ରତ୍ୟହ ଶହ ଶହ ଯାନବାହନ ଚଳାଚଳ କରୁଛି। ରାସ୍ତା ଓସାର କମାଗଲେ ଦୁଇଟି ଗାଡି ଏକକାଳୀନ ଯିବାଆସିବା କରିବାରେ ବ୍ୟାଘାତ ସୃଷ୍ଟି ହେବ। ତେଣୁ ଏହାକୁ ପୂର୍ବଭଳି ଚଉଡା କରିବାକୁ ସେମାନେ ଦାବି ରଖିଥିଲେ। ଅଟକଳ ଅର୍ଥରେ ରାସ୍ତା ୩ କିଲୋମିଟର ମଧ୍ୟରେ ସିମୀତ ରଖି କାର୍ଯ୍ୟ କରିବା ପାଇଁ ବିଭାଗୀୟ ଯନ୍ତ୍ରୀ ସେଠୀ ପ୍ରକାଶ କରିଥିଲେ।



ଅଧିକାରୀଙ୍କ ସହ ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି।

## ଆଜିଠାରୁ ୩ ଦିନ ସାଂସ୍କୃତିକ ମହୋତ୍ସବ ଚିତ୍ରରଙ୍ଗ

**ନୟାଗଡ଼ ଅଫିସ,୧୭।୧**

ସାଂସ୍କୃତିକ ମହୋତ୍ସବ ଚିତ୍ରରଙ୍ଗ ଶନିବାରଠାରୁ ୩ ଦିନ ଧରି ଅନୁଷ୍ଠିତ ହେବ। ନୟାଗଡ଼ର ସାଂସ୍କୃତିକ ଅନୁଷ୍ଠାନ ରାଗେଶ୍ରୀ ନିଳୟମ ଓ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସହଯୋଗରେ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ପଠାଣିସାମନ୍ତ ଅଡ଼ିଟୋରିୟମଠାରେ ଏହି ମହୋତ୍ସବ ଅନୁଷ୍ଠିତ ହେବ। ଶୁକ୍ରବାର ଖବରଦାତା ସମ୍ମିଳନୀରେ ସଭାପତି ପ୍ରଭାତ କୁମାର ଦାଶ ଏହି ସୂଚନା ଦେଇଛନ୍ତି। ମହୋତ୍ସବରେ ତିନି ଦିନରେ ତିନୋଟି ନାଟକ ମଞ୍ଚସ୍ଥ ହେବାକୁ ଥିବା ବେଳେ ରାଜ୍ୟ ସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ, ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା କବିତା ପ୍ରତିଯୋଗିତା, ସାହିତ୍ୟ ଚର୍ଚ୍ଚା ଏବଂ ନୟାଗଡ଼ର ଲୋକକଳା ସଂଗୀତକୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ଗୋକୁଳ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।



ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## କୃଷ୍ଣପ୍ରସାଦ ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ

**କୃଷ୍ଣପ୍ରସାଦ,୧୭।୧(ଡି.ଏନ.ଏ.)**

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ସମ୍ମିଳନୀ କକ୍ଷରେ ସପ୍ତମ ପଞ୍ଚାୟତ ସମିତି ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ସୌଦାମିନୀ ମାନସିଂହ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବିଡିଓ ଅଭିମନ୍ୟୁ ମାଝୀ ସଭା କାର୍ଯ୍ୟକୁ ଆଗେଇ ନେଇଥିଲେ। ପ୍ରାରମ୍ଭରେ ବ୍ଲକ ଗ୍ରାମପଞ୍ଚାୟତ ଅଧିକାରୀ ସୁରେନ୍ଦ୍ର ପଲେଇ ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ତାହା ଗୃହୀତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ କୁମାର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରଭାତି ପ୍ରଧାନ, ବନ୍ଦନା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆବାସ ଯୋଜନା ସମ୍ପର୍କରେ ଦୀର୍ଘ ସମୟ ଧରି ଆଲୋଚନା ହେବା ସହ ସମସ୍ତ ଆଜବେଷ୍ଟସ୍ ଘର ଥିବା ପରିବାରକୁ ଆବାସ ଯୋଜନାରେ ଛାତଘର ଯୋଗାଇଦେବାକୁ ଦାବି ହୋଇଥିଲା।

## ଦିବାରାତ୍ର ଭଲିବଲ ମ୍ୟାଚ:ରଣପୁର ବିଜୟୀ

**ଦଶପଲ୍ଲା,୧୭।୧(ଡି.ଏନ୍.ଏ.)**

ଦଶପଲ୍ଲା ଗାନ୍ଧୀ ମଇଦାନଠାରେ ସ୍ପୋର୍ଟିଭ ସୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ରଣପୁର ଏବଂ ଦଶପଲ୍ଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରଣପୁର ୨-୦ ସେଟ୍‌ରେ ବିଜୟୀ ହୋଇଥିଲା। ଏହାପରେ ଖୋର୍ଦ୍ଧା, ଶରଣକୂଳ, ଇଟାମାଟି, ଆଙ୍ଗିସିଙ୍ଗି ଦଳକୁ ନେଇ ମ୍ୟାଚ ଅନୁଷ୍ଠିତ ହୋଇଥିଲା।


ଭଲିବଲ ମ୍ୟାଚର ଏକ ଦୃଶ୍ୟ।

## ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠାରେ ବିଳମ୍ବ ନେଇ ଅସନ୍ତୋଷ

**ଖଣ୍ଡପଡ଼ା,୧୭।୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ଥିବା ସମସ୍ତ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଉଥିବା ବେଳେ ଏହାର ପ୍ରତିକାର ନିମନ୍ତେ ଅଞ୍ଚଳବାସୀ ଦୀର୍ଘବର୍ଷ ହେଲା ଦାବି କରିଆସୁଥିଲେ। ଏକ ଗ୍ରୀଡ୍ ସ୍ଥାପନ କରାଗଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଉଥିଲେ। ଏଠାରେ ଏକ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠା ନିମନ୍ତେ ଖଣ୍ଡପଡାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ରାଜ୍ୟ ସରକାର ୫୭ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଛନ୍ତି। ଏହି ଅର୍ଥରେ ଖଣ୍ଡପଡା ସହର ଉପକଣ୍ଠରେ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠା ନିମନ୍ତେ ୧୫ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜାଗା ଚିହ୍ନଟ କରାଯାଇଛି। ମାତ୍ର ପ୍ରଶାସନିକ ଉଦାସୀନତା ଯୋଗୁ କାର୍ଯ୍ୟ ଆଗେଇପାରୁ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ଗ୍ରୀଡ୍ ପ୍ରତିଷ୍ଠା ହେଲେ ଖଣ୍ଡପଡା, ଭାପୁର ଓ ଗଣିଆ ବ୍ଲକର ଜନସାଧାରଣ ବିଶେଷ ଭାବେ ଉପକୃତ ହେବେ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଏହା ଦ୍ୱାରା ବାରମ୍ବାର ବିଦ୍ୟୁତ୍‌କାଟ, ଲୋ ଭୋଲ୍‌ଟେଜ୍ ସମସ୍ୟା ଦୂର ହୋଇପାରିବ। ଗତ ନଭେମ୍ବର ୨୭ ତାରିଖରେ ଖଣ୍ଡପଡାରେ ଆୟୋଜିତ ସମୀକ୍ଷା ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ଖଣ୍ଡପଡା ତହସିଲଦାର ଖୁବ୍‌ଶୀଘ୍ର ଜାଗା ଚିହ୍ନଟ ପ୍ରକ୍ରିୟା ଶେଷକରି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି ବୈଠକରେ ଉପସ୍ଥିତ ଥିବା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ସମେତ ଅନ୍ୟମାନଙ୍କୁ ସୂଚନା ଦେଇଥିଲେ । ମାତ୍ର ଦୀଘଦିନ ଅତିବାହିତ ହୋଇସାରିଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ନୟାଗଡ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ପାର୍ଥ ସାରଥୀ ହାଁସଦାଙ୍କୁ ପଚାରିବାରୁ ସେ କହିଥିଲେ, ଓପିଟିସିଏଲ୍ କର୍ତ୍ତୃପକ୍ଷ ଏଠାକୁ ଆସି ଚିହ୍ନଟ ହୋଇଥିବା ସ୍ଥାନ ଦେଖିବା ପରେ ଗ୍ରୀଡ୍ ପ୍ରତିଷ୍ଠା ନିମନ୍ତେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

## ୭୪ ଜଣଙ୍କୁ ଶ୍ରବଣଯନ୍ତ୍ର ବଣ୍ଟନ

**ନୟାଗଡ଼ ଅଫିସ,୧୭।୧**

ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ଜିଲା ଆଶୁ ମଧ୍ୟକ୍ଷେପ କେନ୍ଦ୍ରଠାରେ ୭୪ ଜଣ ଶ୍ରବଣ ବାଧିତ ପିଲାମାନଙ୍କୁ ଡିଜିଟାଲ ଶ୍ରବଣଯନ୍ତ୍ର ବଣ୍ଟନ କରାଯାଇଛି। ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ର ଯୋଗଦେଇ ପିଲାମାନଙ୍କୁ ଶ୍ରବଣ ଯନ୍ତ୍ର ବଣ୍ଟନ କରିଥିଲେ। ଜନ୍ମର ୩ ମାସ ମଧ୍ୟରେ ଶ୍ରବଣ ବାଧିତ ପିଲାମାନଙ୍କୁ ଚିହ୍ନଟ କରି ୬ ମାସ ମଧ୍ୟରେ ଶ୍ରବଣ ଯନ୍ତ୍ର ଲଗାଇଲେ ଭବିଷ୍ୟତରେ ପିଲାର ବାକ୍ ବିକାଶ ସାଧାରଣ ହୋଇପାରିବ ବୋଲି ଅଡ଼ିଓଲୋଜିଷ୍ଟ ଓ ସ୍ପିଚ୍ ଥେରାପିଷ୍ଟ ନିଷ୍ଠା ରଞ୍ଜନ ଦାଶ ଯୋଗଦେଇ କହିଥିଲେ।

## ୧୭୩ ଉପଭୋକ୍ତାଙ୍କ ସଂଯୋଗ ବିଚ୍ଛିନ୍ନ

**ପୁରୀ ଅଫିସ, ୧୭।୧**

ଶୁକ୍ରବାର ସୁଦ୍ଧା ପୁରୀ ଡିଭିଜନରେ ୧୭୩ ଜଣ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଫନୀରେ ବ୍ୟାପକ ମାତ୍ରାରେ ପୁରୀ ଜିଲା କ୍ଷତିଗ୍ରସ୍ତ ହୋଇଥିଲା। ବାତ୍ୟା ଦୁଃଖରୁ ସମ୍ପୂର୍ଣ୍ଣ ଭାବେ ଅଣ୍ଟା ସଳଖି ନ ଥିବା ଜିଲାର ଅନେକ ଲୋକ ଏବେ ଏକାବେଳକେ ବକେୟା ବିଲ୍ କେମିତି ଦେବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ଘର ସଜାଡୁ ସଜାଡୁ ବକେୟା ବିଦ୍ୟୁତ୍ ବିଲ୍ ସେମାନଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ସେହିପରି ଅନେକ ବ୍ୟବସାୟୀ ପରିବାର ମଧ୍ୟ ଏହାର ଶିକାର ହୋଇଛନ୍ତି। ପୁରୀ ସହରର ବିକାଶ ଏବଂ ଶ୍ରୀମନ୍ଦିରର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ଲାଗି ୪/୫ ମାସ ହେବ ଅନେକ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଛି। ସେମାନଙ୍କ ମଧ୍ୟରୁ ହାତଗଣତି କେତେଜଣ ଅନ୍ୟ ଜାଗାରେ ଦୋକାନ ଖୋଲିଥିଲେ ବି ସଂଖ୍ୟାଧିକ ବ୍ୟବସାୟୀ ନିଜ ଘରେ ଜିନିଷପତ୍ର ରଖି ହାତବାନ୍ଧି ବସିଛନ୍ତି। ସେମାନଙ୍କ ବ୍ୟବସାୟ ଉପରେ ନିର୍ଭର କରୁଥିବା ପରିବାର ମଧ୍ୟରୁ ଅନେକେ ବିଦ୍ୟୁତ୍ ବିଲ୍ ଦେଇପାରି ନାହାନ୍ତି। ଠିକ୍ ଏହି ସମୟରେ ସେସୁର ନିଷ୍ପତ୍ତି ସେମାନଙ୍କୁ ସମସ୍ୟାରେ ପକାଇଛି। ବକେୟା ବିଲ୍ ରଖିଥିବା ଉପଭୋକ୍ତାଙ୍କ ବିଦ୍ୟୁତ୍ କାଟ ଆରମ୍ଭ ହୋଇଥିବା ଦେଖି ସେମାନେ ବି ଚିନ୍ତାରେ ପଡ଼ିଛନ୍ତି। ଏ ସମ୍ପର୍କରେ ଉପଭୋକ୍ତା ରାଜୀବ ସାହୁ କହିଛନ୍ତି, ବାତ୍ୟାରେ ମୋ' ଘର ଭାଙ୍ଗି ଯାଇଥିଲା। ସେତେବେଳେ ମିଟର ଖରାପ ହୋଇଯାଇଥିଲା। ବାତ୍ୟାର ପ୍ରାୟ ୨ ମାସ ପରେ ଆମ ଘରକୁ ବିଦ୍ୟୁତ୍ ସଂଯୋଗ ଆସିଲା। ସେତେବେଳେ ବି ମିଟର ଖରାପ ଥିଲା। କିନ୍ତୁ ଏହା ପରଠାରୁ ଅଧିକ ଟଙ୍କାର ବିଲ୍ ଆସୁଛି। ମୁଁ ଏହି ଟଙ୍କା ପଇଠ କରିପାରି ନାହିଁ। ପ୍ରାୟ ୮ ହଜାର ଟଙ୍କା ବକେୟା ବିଲ୍ ଦେବା ପାଇଁ ଆମ ଘରକୁ ନୋଟିସ ଆସିଛି। ଆଉ କିଛି ସମୟ ଦେଲେ ଆମେ ବିଲ୍ ପଇଠ କରିଦେବୁ।

ପୁରୀ ଡିଭିଜନରେ ମୋଟ ୧ଲକ୍ଷ ୭୩ ହଜାର ଉପଭୋକ୍ତାଙ୍କ ମଧ୍ୟରୁ ୫୩ ହଜାର ୫୯୮ ଜଣ ବକେୟା ରଖିଛନ୍ତି। ସେମାନଙ୍କ ମଧ୍ୟରୁ ୪୦,୨୬୮ ଜଣଙ୍କୁ ସେସୁ ପକ୍ଷରୁ ନୋଟିସ ଦିଆଯାଇଥିଲା। ଗୁରୁବାର ସନ୍ଧ୍ୟା ସୁଦ୍ଧା ୧୭୪ ଜଣଙ୍କ ବିଦ୍ୟୁତ୍ କାଟ କରାଯାଇଥିଲା। ଶୁକ୍ରବାର ସେମାନଙ୍କ ମଧ୍ୟରୁ କେତେଜଣ ବିଲ୍ ପଇଠ କରିବା ପରେ ସଂଯୋଗ ଦିଆଯାଇଛି। ତେବେ ଶୁକ୍ରବାର ଅପରାହ୍ନ ସୁଦ୍ଧା ଡିଭିଜନରେ ୧୭୩ ଜଣଙ୍କ ବିଦ୍ୟୁତ୍ କାଟ କରାଯାଇଥିବା ଡିଭିଜନ ନିର୍ବାହୀ ଯନ୍ତ୍ରୀ ଶିବପ୍ରସାଦ ସ୍ୱାଇଁ କହିଛନ୍ତି।

## ମୋ ଜଙ୍ଗଲ ମୋ ପରିବେଶ ସଚେତନତା

**ନୟାଗଡ଼ ଅଫିସ,୧୭।୧**

ନୟାଗଡ଼ ଜିଲା ପଞ୍ଚରିଡ଼ା ରେଞ୍ଜ ଅନ୍ତର୍ଗତ ଗୋଡ଼ିମଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋ ଜଙ୍ଗଲ ମୋ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଡ଼ିପଡ଼ା ବନପାଳ ସୂର୍ଯ୍ୟକାନ୍ତ ମହାରଣାଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଦର୍ପନାରାୟଣପୁର ବିଟ୍ ହାଉସ ବନରକ୍ଷୀ ସୁଦୀପ୍ତ କୁମାର ସାହୁ, ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଜଙ୍ଗଲ ସୁରକ୍ଷା, ଚାରାରୋପଣ, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ଜୀବଜନ୍ତୁ ସୁରକ୍ଷା, ମୃତ୍ତିକା ସଂରକ୍ଷଣ ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ ପରିବେଶ ପ୍ରତି ସଚେତନ ହେବା ପାଇଁ ଅତିଥିମାନେ ଉପଦେଶ ଦେଇଥିଲେ। ପ୍ରଦୀପ କୁମାର ସେନଗୁପ୍ତା, ନମିତା କୁମାରୀ ପ୍ରଧାନ, ମୋନାଲିସା ସାହୁ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅନୁଷ୍ଠିତ ହୋଇଥିବା ପରିବେଶ ସଚେତନତା କାର୍ଯ୍ୟକ୍ରମ।

# ମା', ବାପା, ଝିଅଙ୍କୁ ଗୋଡ଼େଇ ପିଟିଲେ

**ରଣପୁର,୧୭।୧(ସ୍ୱ.ପ୍ର.)**

ନୟାଗଡ ଜିଲାର ରଣପୁର ଥାନା ସମ୍ମୁଖ ଶୁକ୍ରବାର ରଣାଙ୍ଗନ ପାଲଟିଥିଲା। ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟା ସମୟରେ ବଡଭାଇ, ଭାଉଜ, ଝିଆରିଙ୍କୁ ସାନ ଭାଇ ଓ ପରିବାର ଲୋକେ ଗୋଡେଇ ପିଟିଥିଲେ। ଥାନା ଭିତରୁ ଭିଡି ଆଣି ସେମାନେ ଏଭଳି କାଣ୍ଡ ଭିଆଇଥିଲେ। ଉପସ୍ଥିତ ସାଧାରଣ ଲୋକେ ସବୁ ଦେଖି ଚୁପ ରହିଥିଲେ। ଗଣ୍ଡଗୋଳ ଶେଷ ହେବା ପରେ ପୋଲିସ ପହଞ୍ଚି ଉଭୟ ପକ୍ଷର ୪ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇ ନାହିଁ। ମିଳିଥିବା ସୂଚନା ଅନୁସାରେ ରଣପୁର ଥାନା ରାଜନଗର ଗାଁର ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସାନଭାଇ ଓ ପରିବାରର ସଦସ୍ୟମାନେ ମିଳିତ ହୋଇ ବଡଭାଇ, ଭାଉଜ ଓ ଝିଆରୀଙ୍କୁ ଆକ୍ରମଣ କରିଥିଲେ। ଘଟଣା ସମ୍ପର୍କରେ ବଡଭାଇ ପରିବାର ଲୋକେ ଥାନାରେ ଅଭିଯୋଗ କଲେ। ପୋଲିସ ଘଟଣାର ତଦନ୍ତ କରୁଛି କହି ବଡଭାଇ ପରିବାରକୁ ବସାଇ ରଖିଥିଲା।


ଥାନା ସମ୍ମୁଖରେ ଗଣ୍ଡଗୋଳ ହେଉଥିବାର ଦୃଶ୍ୟ।

- ଅଭିଯୋଗ କରିବା ମହଙ୍ଗା ପଡ଼ିଲା
- ରଣପୁର ଥାନା ସମ୍ମୁଖ ରଣାଙ୍ଗନ

### ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

ରଣପୁର ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଥାନା ସମ୍ମୁଖରେ ଜଣେ ମହିଳା ଓ ଯୁବତୀଙ୍କୁ ମାରପିଟ କରାଯାଉଥିବାବେଳେ ପୋଲିସର ନୀରବତା ସାଧାରଣରେ ଭୟ ସୃଷ୍ଟି କରିଛି। ମକର ମହୋତ୍ସବରେ ଥାନା ଆଇଆଇସି ଭାଷଣରେ କହିଥିଲେ ରଣପୁର ଅଞ୍ଚଳରେ ମହିଳା ସୁରକ୍ଷିତ। ରାତି ୧୧ଟାରେ ମହିଳାମାନେ ରାସ୍ତାରେ ବୁଲିଲେ ଭୟ ନାହିଁ। ମୋ ସରକାର ତରଫରୁ ରଣପୁର ଥାନା ଜିଲାରେ ପ୍ରଥମ ହୋଇଛି। ଯେଉଁଠି ଥାନା ସମ୍ମୁଖରେ ମହିଳା ଓ ଯୁବତୀଙ୍କୁ ଆକ୍ରମଣ କରାଯାଉଛି ସେଠାରେ ଆଇନଶୃଙ୍ଖଳା କିପରି ଶୃଙ୍ଖଳିତ ବୋଲି ପ୍ରଶ୍ନ ଉଠୁଛି। ଏହି ଘଟଣା ବର୍ତ୍ତମାନ ସୋସିଆଲ ମିଡିଆରେ ଘୂରି ବୁଲୁଛି।

## ସଂକ୍ଷେପରେ

### ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଉଦ୍‌ଯାପିତ



ଖଣ୍ଡପଡ଼ା,୧୭।୧(ସ୍ୱ.ପ୍ର.): ବାଣପୁର ପଞ୍ଚାୟତ ଚୈତନ୍ୟପୁର ଗ୍ରାମବାସୀଙ୍କ ଦ୍ୱାରା ମଙ୍ଗଳବାରଠାରୁ ଚାଲିଥିବା ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଶ୍ରୀ ଆନନ୍ଦେଶ୍ୱର ମହାଦେବଙ୍କ ପୀଠରେ ୩ଦିନ ବ୍ୟାପୀ ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଦେଖିବା ସହ ଯଜ୍ଞ ନାରାୟଣଙ୍କ କୃପା ଲାଭ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ସମାଗମ ହୋଇଥିଲେ। ଉଦ୍‌ଯାପନୀ ଦିବସରେ ଗ୍ରାମବାସୀ ନଗରକୀର୍ତ୍ତନ କରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଗୀତାଯଜ୍ଞର କର୍ତ୍ତା ଭାବେ ପଠାଣି ସାମନ୍ତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ରବୀନ୍ଦ୍ର କୁମାର ମିଶ୍ର କାର୍ଯ୍ୟ ସମ୍ପାଦନ କରିଥିଲେ।

### ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ: ପଦ୍ମାବତୀ ବିଜୟୀ

ଖଣ୍ଡପଡ଼ା,୧୭।୧(ସ୍ୱ.ପ୍ର.): ବଡବାଣପୁର ଅଶୋକା କିଙ୍ଗସ୍ ପକ୍ଷରୁ ନୀଳମାଧବ ମହାବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ୨ୟ ଦିବସରେ ନରସିଂହପୁର ନୂଆପାଟଣାକୁ ହରାଇ ପଦ୍ମାବତୀ କ୍ରିକେଟ କ୍ଲବ ବିଜୟୀ ହୋଇଛି। ଟସ୍ ଜିଣି ପଦ୍ମାବତୀ ଦଳ ବ୍ୟାଟିଂ ଆରମ୍ଭ କରି ସମସ୍ତ ଉଇକେଟ ବିନିମୟରେ ୧୧୯ ରନ ସଂଗ୍ରହ କରିଥିଲା। ଜବାବରେ ନୂଆପାଟଣା କ୍ରିକେଟ କ୍ଲବ ସମସ୍ତ ଉଇକେଟ ହରାଇ ମାତ୍ର ୧୦୯ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ସୁଶାନ୍ତ କୁମାର ଦଳେଇ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ସୁରେଶ କୁମାର ପ୍ରଧାନ ଓ ପ୍ରହ୍ଲାଦ ପ୍ରଧାନ ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଦିଲୀପ କୁମାର ଦାସ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶନିବାର କଣ୍ଟିଲୋର ବରୁଣେଇ ଓ ନଣ୍ଡାବର କ୍ରିକେଟ କ୍ଲବ ମଧ୍ୟରେ ମୁକାବିଲା ହେବ ବୋଲି ଆୟୋଜକଙ୍କଠାରୁ ପ୍ରକାଶ।

### ଦଶପଲ୍ଲା କପ୍ ଫୁଟ୍‌ବଲ: ସମ୍ବଲପୁର ବିଜୟୀ

ଦଶପଲ୍ଲା,୧୭।୧(ଡି.ଏନ.ଏ.)- ସ୍ଥାନୀୟ ଗାନ୍ଧୀ ମଇଦାନଠାରେ ଚାଲିଥିବା ଦଶପଲ୍ଲା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଶୁକ୍ରବାର ଖେଳ ସ୍ପୋର୍ଟସ ହଷ୍ଟେଲ କଟକ ଏବଂ ସମ୍ବଲପୁର ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁର ୧-୦ରେ ବିଜୟୀ ହୋଇ ଦ୍ୱିତୀୟ ସେମିଫାଇନାଲରେ ପ୍ରବେଶ କରିଛି। ଖେଳରେ ଅବସରପ୍ରାପ୍ତ ଜେଲ ଡିଆଇଜି ଗୋଲକବିହାରୀ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ଶୁକ୍ରବାର ଶ୍ରେଷ୍ଠ ଦର୍ଶକ ରୂପେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଭିକାରୀ ଚରଣ ଦାଶଙ୍କ ନାମ ଘୋଷଣା କରାଯାଇଥିଲା। ଶନିବାର ଖେଳ ସମ୍ବଲପୁର ଏବଂ ବରଗଡ଼ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ସୂତ୍ରରୁ ପ୍ରକାଶ।

# ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ସମସ୍ୟାକୁ ଗୁରୁତ୍ୱ

## ଗଣିଆ ପଞ୍ଚାୟତ ସମିତିର ୭ମ ଅଧିବେଶନ

ଗଣିଆ,୧୭।୧(ଡି.ଏନ୍.ଏ.)



ବୈଠକରେ ଉପସ୍ଥିତ ଲୋକପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ।

ଗଣିଆ ବ୍ଲକ ସଦ୍‌ଭାବନା ଗୃହଠାରେ ଶୁକ୍ରବାର ପଞ୍ଚାୟତ ସମିତିର ୭ମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଡିଓ ମାନସ ରଞ୍ଜନ ସାମଲ, ଏବିଡିଓ ସରୋଜ କୁମାର ନାୟକ, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ଉପାଧ୍ୟକ୍ଷା ଶାନ୍ତିଲତା ଦାସ, କନ୍ଧମାଳ ଏମ୍‌ପିଙ୍କ ଜିଲା ପ୍ରତିନିଧି ସଦାଶିବ ମିଶ୍ର ଓ ବ୍ଲକ ପ୍ରତିନିଧି ବଳରାମ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ କନ୍ଧମାଳ ଏମ୍‌ପିଙ୍କ ତରଫରୁ ନିଯୁକ୍ତି ପାଇଥିବା ଜିଲା ଓ ବ୍ଲକ ପ୍ରତିନିଧିଙ୍କୁ ବ୍ଲକ ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରାଜେନ୍ଦ୍ର କୁମାର ବେହେରା ପୂର୍ବ ଅଧିବେଶନର ବିବରଣୀ ପାଠ କରିବା ସହ ଆଲୋଚିତ ପ୍ରସ୍ତାବଗୁଡ଼ିକ ଦୃଢ଼ୀକରଣ କରାଯାଇଥିଲା। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଭତ୍ତା ବଣ୍ଟନରେ ବିଭିନ୍ନ ସମସ୍ୟାକୁ ଗୁରୁତ୍ୱ ଦିଆଯାଇଥିଲା।

ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଥିବା ୭ ଡାକ୍ତର ମଧ୍ୟରୁ ୨ଜଣ ରହିଥିବାରୁ ଜିଲା ପ୍ରଶାସନ ସହ ଆଲୋଚନା କରି ଡାକ୍ତର ପଦବୀ ପୂରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ଆଲୋଚନା ହୋଇଥିଲା। ବ୍ଲକର ସୀମାନ୍ତ ବଣଜଙ୍ଗଲ ଘେରା ବଡଶିଲିଙ୍ଗା ପଞ୍ଚାୟତରେ ମ୍ୟାଲେରିଆ ନିରାକରଣକୁ ଦୃଷ୍ଟିରେ ରଖି ୦-୧୪ ବର୍ଷର ଶିଶୁ ଓ ଗର୍ଭବତୀ ମହିଳାମାନେ ମଶାରି ବ୍ୟବହାର କରିବା ନିମନ୍ତେ ଯତ୍ନବାନ କରାଇବା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ କୁହାଯାଇଥିଲା। ତେବେ ଗତ ବୈଠକରେ ଅନୁପସ୍ଥିତ ଥିବା ନେଇ ନୋଟିସ୍ ହୋଇଥିବାରୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ନିଜର କାରଣ ଦର୍ଶାଇଥିଲେ। ବ୍ଲକର ୬୩ ବିଦ୍ୟାଳୟ ମଧ୍ୟରୁ ୨୨ଟି ଗ୍ରୀନ, ୩୧ଟି ୟେଲୋ ଏବଂ ଡୁଇସିଂ, ବାଙ୍କଝରୀ, ମହନାପଦା, ଆଡକଟା ପୀତାବଳି ୟୁପି ସ୍କୁଲ, ତଅଁଳା ନୂଆଗାଁ ସ୍କୁଲ ଓ ମହୁକଣ ବିଦ୍ୟାଳୟକୁ ରେଡ୍ ମାନଦଣ୍ଡ ମଧ୍ୟରେ ଗଣନା କରାଯାଇଥିବା ବ୍ଲକ ଶିକ୍ଷାଧିକାରୀ ପ୍ରକାଶ କରିଥିଲେ। ରେଡ୍ ମାନଦଣ୍ଡ ମଧ୍ୟରେ ଥିବା ଏହି ବିଦ୍ୟାଳୟଗୁଡିକର ଉନ୍ନତି ନିମନ୍ତେ ସ୍ଥାନୀୟ ଲୋକ ପ୍ରତିନିଧିମାନେ ଧ୍ୟାନ ଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିସହ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଥିବା ସ୍କୁଲଗୁଡିକରେ ମଧ୍ୟାହ୍ନଭୋଜନ ଦାୟିତ୍ୱ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବ୍ଲକରେ କୃଷି ବିଭାଗର କାର୍ଯ୍ୟକ୍ରମ ଓ କାଳିଆ ଯୋଜନା ସମ୍ପର୍କରେ ସଠିକ୍ ତଥ୍ୟ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବ୍ଲକରେ କାର୍ଯ୍ୟ କରୁଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଟି ଗଣିଆଠାରୁ ୩କିଲୋମିଟର ଦୂରରେ ରହିଥିବାରୁ ଚାଷୀମାନଙ୍କର ସୁବିଧାକୁ ଦୃଷ୍ଟିରେ ରଖି ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ହେଲ୍ପ ଡେସ୍କ ଖୋଲାଯିବା ସହ ଜଣେ କୃଷି ଅଧିକାରୀ ମାସକୁ ନିର୍ଦ୍ଧାରିତ ୪ଦିନ ଉପସ୍ଥିତ ରହି କାର୍ଯ୍ୟ କରିବା ପାଇଁ ବ୍ଲକ ଅଧ୍ୟକ୍ଷ ପ୍ରସ୍ତାବ ଦେଇଥିଲେ। ପରିଶେଷରେ ବିଭିନ୍ନ ଯୋଜନାରେ ଉନ୍ନତିମୂଳକ କାର୍ଯ୍ୟ ନିମିତ୍ତ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଥିଲା। ବୈଠକରେ ବ୍ଲକର ୮ ପଞ୍ଚାୟତର ସମସ୍ତ ନିର୍ବାଚିତ ଲୋକପ୍ରତିନିଧି ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ୫ ଦଫା ଦାବିରେ କନିଷ୍ଠ ଶିକ୍ଷକ ଆଶାୟୀ ସଂଘର ବିକ୍ଷୋଭ

ନୟାଗଡ଼ ଅଫିସ,୧୭।୧

ନୟାଗଡ଼ ଜିଲା କନିଷ୍ଠ ଶିକ୍ଷକ ଆଶାୟୀ ସଂଘ ପକ୍ଷରୁ ଶୁକ୍ରବାର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ୫ ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲାରେ ଖାଲିପଡ଼ିଥିବା ଶିକ୍ଷକ ପଦବୀ ସମ୍ପର୍କରେ ଶିକ୍ଷାବିଭାଗକୁ ରିପୋର୍ଟ ପ୍ରଦାନ କରିବା, ଏନ୍‌ଓସି (ନୋ ଅବ୍‌ଜେକସନ୍ ସାର୍ଟିଫିକେଟ) ନ ପାଇ ବେଆଇନ ଭାବେ ଚାଲୁଥିବା ଜିଲାର ସମସ୍ତ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିବା, ଶତପ୍ରତିଶତ ଓଟିଇଟି ପାସ ଶିକ୍ଷକ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଭିତ୍ତିଭୂମି ନ ଥାଇ ବେଆଇନ ଭାବେ ଦିଆଯାଇଥିବା ଏନ୍‌ଓସିକୁ ତୁରନ୍ତ ରଦ୍ଦ କରିବା, ଶିକ୍ଷକମାନଙ୍କର ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟାକୁ ତୁରନ୍ତ ଶେଷ କରି ଜାଲ ସାର୍ଟିଫିକେଟଧାରୀ ଶିକ୍ଷକମାନଙ୍କୁ ଗିରଫ କରିବା, ସରକାରୀ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନିୟମିତ ଭାବରେ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ବିଦ୍ୟାଳୟ ପରିଦର୍ଶନ ଓ ପରିଚାଳନା କରିବା ଭଳି ୫ ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନୟାଗଡ଼ ଜିଲାର କନିଷ୍ଠ ଶିକ୍ଷକ ପଦବୀ ଲାଗି ବହୁ ଆଶାୟୀ ପ୍ରାର୍ଥୀ ସିଟି, ବିଏଡ କରିଥିବା ବେଳେ ଓଟିଇଟି ଓଏସ୍‌ଏସ୍‌ଟିଇଟି ପରୀକ୍ଷାରେ ମଧ୍ୟ କୃତକାର୍ଯ୍ୟ ହୋଇଛନ୍ତି। ହେଲେ ୪ ବର୍ଷ ହେଲାଣି ଶିକ୍ଷକ ନିଯୁକ୍ତି ନିମନ୍ତେ କୌଣସି ପଦକ୍ଷେପ ନିଆ ଯାଉ ନ ଥିବାରୁ ସେମାନେ ମାନସିକ ଚାପର ବଶବର୍ତ୍ତୀ ହେଉଥିବା ପ୍ରକାଶ କରିଥିଲେ। ସଂଘର ସଭାପତି ରାଜୀବ କୁମାର ସାହୁଙ୍କ ନେତୃତ୍ୱରେ ସମ୍ପାଦକ ଅନିଲ କୁମାର ପ୍ରଧାନ, ଧବଳେଶ୍ୱର ସେଠୀ, ଜଗନ୍ନାଥ ସ୍ୱାଇଁ, ସୁଧୀର କୁମାର ନାୟକଙ୍କ ସମେତ ଏକାଧିକ ଆଶାୟୀ ପ୍ରାର୍ଥୀ ଉପସ୍ଥିତ ଥିଲେ।




କନିଷ୍ଠ ଶିକ୍ଷକ ଆଶାୟୀ ସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି।

# ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା କରିଥିବା ୫ ଜଣ ପୁରସ୍କୃତ

## ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ନୟାଗଡ଼ ଅଫିସ,୧୭।୧



ଜଣେ ବ୍ୟକ୍ତିଙ୍କୁ ଅତିଥିମାନେ ଗୁଡ଼ ସାମାରିଟାନ୍ ପୁରସ୍କାର ପ୍ରଦାନ କରୁଛନ୍ତି।

ଗତ ୧୧ ତାରିଖଠାରୁ ଆରମ୍ଭ ହୋଇଥିବା ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମ ପଠାଣି ସାମନ୍ତ ଅଡ଼ିଟୋରିୟମଠାରେ ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ତଥା ଆରଟିଓ ଦାୟିତ୍ୱରେ ଥିବା ଲଗ୍ନଜିତ ରାଉତଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାସ୍ତାରେ ଯାନବାହନ ଚଳାଇବା ବେଳେ ସଡ଼କ ସୁରକ୍ଷା ନିୟମ ପାଳନ କଲେ ଦୁର୍ଘଟଣା ହ୍ରାସ ପାଇବ ବୋଲି ପ୍ରକାଶ କରିଥିଲେ। ସେହିଭଳି ଖାଲି ପ୍ରଶାସନ ସଚେତନ କଲେ ହେବ ନାହିଁ ନିଜେ ସଚେତନ ହୋଇ ସଡ଼କ ସୁରକ୍ଷା ନିୟମକୁ ପାଳନ କରିବା ଦରକାର ବୋଲି ଅତିରିକ୍ତ ଜିଲାପାଳ ରାୟ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଏସ୍‌ପି ଶଶିଭୂଷଣ ଶତପଥୀ, ନୟାଗଡ଼ ତହସିଲଦାର ଭିକାରୀ ସାହୁ ଯୋଗଦେଇ ସଡ଼କ ସୁରକ୍ଷା ବିଷୟରେ ବକ୍ତବ୍ୟ ରଖିଥିଲେ। ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର ନ କରିବା, କାର ଚଳାଇବା ବେଳେ ସିଟ ବେଲଟ୍ ବାନ୍ଧିବା ଏବଂ ବାଇକ୍ ଚଳାଇବା ବେଳେ ହେଲ୍‌ମେଟ୍ ବ୍ୟବହାର କରିବା ପାଇଁ ଅତିଥିମାନେ ଚାଳକମାନଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଦୁର୍ଘଟଣା ସମୟରେ ସହାୟତା କରିଥିବା ଗଣିଆ ବ୍ଲକର ବାମନ ଚରଣ ବାରିକ, ରାଜକିଶୋର ଡାଙ୍ଗୁଆଙ୍କ ସମେତ ଜିଲାର ୫ ଜଣ ବ୍ୟକ୍ତିଙ୍କୁ ଗୁଡ୍ ସାମାରିଟାନ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। ସେହିଭଳି ସଡ଼କ ସୁରକ୍ଷା ବିଷୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳେ ନୟାଗଡ଼ ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟଠାରୁ ଏକ ଶୋଭାଯାତ୍ରା ବାହାରି ସଡ଼କ ସୁରକ୍ଷା ସଚେତନତା ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଶୋଭାଯାତ୍ରାରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନସିସି ଛାତ୍ରୀଛାତ୍ର, ବଜେନ୍ଦ୍ର ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ଆଞ୍ଚଳିକ ପରିବହନ ବିଭାଗ କାର୍ଯ୍ୟାଳୟର ବରିଷ୍ଠ କିରାଣି ନିହାର ରଞ୍ଜନ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମହାନଦୀରୁ ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର

ଭାପୁର,୧୭।୧(ଡି.ଏନ୍.ଏ.)

ନୟାଗଡ଼ ଜିଲା ଫତେଗଡ଼ ଥାନା କରବର ପଞ୍ଚାୟତ ନଣ୍ଡାବର ଗ୍ରାମ ନିକଟ ମହାନଦୀରେ ଭାସୁଥିବା ଜଣେ ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର କରାଯାଇଛି। ଶିଶୁଟିର ନାହି ନାଡ ଲାଗିଥିବାବେଳେ ଜରି ଗୁଡ଼ାହୋଇ ମହାନଦୀ ପାଣିରେ କେହି ଗୁରୁବାର ସନ୍ଧ୍ୟାରେ ତାକୁ ଫିଙ୍ଗି ଦେଇ ଯାଇଥିବା ଅନୁମାନ କରାଯାଉଛି। ସ୍ଥାନୀୟ ନଣ୍ଡାବର ଗ୍ରାମବାସୀ ନବଜାତର ମୃତଦେହ ମହାନଦୀ କୂଳରେ ଭାସୁଥିବା ଦେଖି ଫତେଗଡ଼ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଫତେଗଡ଼ ଥାନା ଏସଆଇ ନିରଞ୍ଜନ ବଡ଼ଜେନା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ୨/୨୦ ରୁଜୁ କରି ଖଣ୍ଡପଡ଼ା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

# ବାଇକ୍ ପାଇଁ ବଧୂହତ୍ୟା ଅଭିଯୋଗ

## ଶ୍ୱଶୁର ଘର ଲୋକେ ଫେରାର୍

ରଣପୁର,୧୭।୧(ସ୍ୱ.ପ୍ର.)

ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ଗୋଡିମଡା ଗ୍ରାମରେ ଶୁକ୍ରବାର ବାଇକ୍ ପାଇଁ ଜଣେ ବୋହୂଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ୧୮/୨୦ରେ ଏକ ମାମଲା ରୁଜୁ କରିଥିଲା ବେଳେ ଗିରଫ ଭୟରେ ଶ୍ୱଶୁରଘର ଲୋକମାନେ ଫେରାର ହୋଇଯାଇଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରଣପୁର ଡାକ୍ତରଖାନା ପଠାଇଛି। ଫାଣ୍ଡିରେ ହୋଇଥିବା ଅଭିଯୋଗରୁ ପ୍ରକାଶ ଯେ, ଶରଣକୁଳ ଥାନା ବରସାହି ନୂଆଗାଁର ସୁବାସ ନାୟକଙ୍କ ଝିଅ ରଶ୍ମିତା ନାୟକ (୨୦) ୯ମାସ ତଳେ ରଣପୁର ଥାନା ଗୋଡିମଡା ଗ୍ରାମର ଅନ୍ତରା ନାୟକଙ୍କ ସାନପୁଅ ଟିକିନା ନାୟକ (୨୮)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଯୌତୁକ ବାବଦକୁ ୩୦ହଜାର ଟଙ୍କା ସହିତ ସୁନା ଅଳଙ୍କାର ଓ ଘରୋଇ ଆସବାବପତ୍ର ଦିଆଯାଇଥିଲା। ବିଭିନ୍ନ ସମୟରେ ଶ୍ୱଶୁର ଘର ଲୋକେ ଅଧିକ ଯୌତୁକ ସହିତ ଏକ ବାଇକ୍ ଆଣିବା ପାଇଁ ରଶ୍ମିତାଙ୍କ ଉପରେ ଚାପ ପକାଇ ଆସୁଥିଲେ। ଏପରି କି ଶାରୀରିକ ନିର୍ଯାତନା ମଧ୍ୟ ଦେଉଥିଲେ। ଶୁକ୍ରବାର ଶ୍ୱଶୁର ଘର ଲୋକେ ବାପଘରକୁ ଯାଇ ବାଇକ୍ ଆଣିବା ପାଇଁ ରଶ୍ମିତାଙ୍କୁ କହିଥିଲେ। ଏଥିରେ ସେ ରାଜି ନ ହେବାରୁ ସ୍ୱାମୀ, ନଣନ୍ଦ, ଶ୍ୱଶୁର ମିଳିତ ଭାବେ ତାଙ୍କୁ ମାଡ଼ ମାରି ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପରେ ପରିବାରର ସମସ୍ତେ ଫେରାର ହୋଇଯାଇଥିଲେ। ଗ୍ରାମ ଲୋକଙ୍କଠାରୁ ଖବର ପାଇ ବାପଘର ଲୋକେ ପହଞ୍ଚିଲାବେଳକୁ ରଶ୍ମିତାଙ୍କ ମୃତ୍ୟୁ ହୋଇସାରିଥିଲା। ପରେ ସେମାନେ ଏ ନେଇ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଓ ସ୍ଥାନୀୟ ତହସିଲଦାର ପହଞ୍ଚି ମୃତଦେହ ଜବତ କରିଥିଲେ।

# ମା' ଭୂଇଁଆଣୀ ପୀଠରେ ମକର ଯାତ୍ରା ଶେଷ

ଖଣ୍ଡପଡ଼ା,୧୭।୧(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ କୋସକା ଅଞ୍ଚଳର ଆରାଧ୍ୟ ଦେବୀ ମା' ଭୂଇଁଆଣୀଙ୍କ ପୀଠରେ ଚାଲିଥିବା ମକରଯାତ୍ରା ଶୁକ୍ରବାର ଶେଷ ହୋଇଛି। ଯାତ୍ରାକୁ ଉପଭୋଗ କରିବା ନିମନ୍ତେ ମା'ଙ୍କ ପୀଠରେ ୧୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଯାତ୍ରା ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମା'ଙ୍କ ପୀଠରେ ହୋମ ଯଜ୍ଞ, ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଆଖପାଖ ସିଙ୍ଗିବାଡି, ରୋଗାବାଦୁ, ଲୁହାରଖଣି, ଗୌଡପାଟଣା, କୃଷ୍ଣପଲ୍ଲୀ ଗ୍ରାମବାସୀଙ୍କ ସହଯୋଗରେ ମା'ଙ୍କ ମକର ପର୍ବ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି।

# ଜଳର ସର୍ବୋତ୍କୃଷ୍ଟ ବିନିଯୋଗ କରିବାକୁ ପରାମର୍ଶ

## ପାଟିଲାଗୋଡି ବନ୍ଧଠାରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ

ରଣପୁର,୧୭।୧(ସ୍ୱ.ପ୍ର.)




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ଚାଷୀମାନଙ୍କୁ ସଙ୍ଗଠିତ କରିବା ସହ ପାଣିପଞ୍ଚାୟତ ମାଧ୍ୟମରେ ସେମାନେ ଜଳସେଚନ ସୁବିଧା ପାଇ ଯେଭଳି ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ରାଜ୍ୟ ସରକାରଙ୍କ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ଚଳିତ ମାସ ୧୬ ଠାରୁ ୩୦ତାରିଖ ପର୍ଯ୍ୟନ୍ତ ସମଗ୍ର ଓଡିଶାରେ ପାଣିପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ଜିଲାରେ ପ୍ରଥମ କରି ଗୁରୁବାର ଓଡଗାଁ ବ୍ଲକ ବୁଢାବୁଢିଆଣୀ ବନ୍ଧଠାରେ ଏହା ପାଳନ କରାଯାଇଥିଲା। ଶୁକ୍ରବାର ରଣପୁର କ୍ଷୁଦ୍ର ଜଳସେଚନ ବିଭାଗ ଆନୁକୂଲ୍ୟରେ ମାଳିସାହିର ପାଟିଲାଗୋଡି କ୍ଷୁଦ୍ର ଜଳସେଚନ ପ୍ରକଳ୍ପଠାରେ ପାଣିପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। କ୍ଷୁଦ୍ର ଜଳସେଚନ ବିଭାଗ ଉପନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ କଳିଙ୍ଗ ଜଳ ବ୍ୟବହାରକାରୀ କୃଷକ ମହାସଂଘ ଅଧ୍ୟକ୍ଷ ସନାତନ ଦଳବେହେରା ମୁଖ୍ୟବକ୍ତା ଓ ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଭାତ କୁମାର ଦଳବେହେରା, ରଣପୁର ସହକାରୀ କୃଷି ଅଧିକାରୀ ଶୁଭେନ୍ଦୁ ସିଂହଦେଓ, ଖବରଦାତା ସୁକାନ୍ତ କିଶୋର ଡାକୁଆ, ଖଣ୍ଡପଡ଼ା ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶ୍ୱିନୀ କୁମାର ସନ୍ଥ, ନୟାଗଡ଼ ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରମୋଦ କୁମାର ସାହୁ, ଉଦ୍ୟାନ କୃଷି ବିଭାଗର ପ୍ରଭାତ ଚନ୍ଦ୍ର ପ୍ରହରାଜ, ରଙ୍ଗଦେଉଳୀ ପଞ୍ଚାୟତ ସମିତିସଭ୍ୟ ରବିନ୍‌କାନ୍ତ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ କୃଷିଜୀବୀଙ୍କ ଗୁଣାତ୍ମକ ମାନ ବୃଦ୍ଧି, ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ, ଜଳସେଚନ ପ୍ରଣାଳୀର ସୁପରିଚାଳନା, ପରିବେଶ ସନ୍ତୁଳନ ରକ୍ଷା ଓ ଜଙ୍ଗଲ ସମ୍ପଦ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଜଳର ଅପଚୟ ନ କରି ସର୍ବୋତ୍କୃଷ୍ଟ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ମାଳିସାହିଠାରେ ପାଟିଲାଗୋଡି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଦ୍ୱାରା ୧୯୬୬ ମସିହାରେ କରାଯାଇଥିବା ବନ୍ଧଦ୍ୱାରା ଅଞ୍ଚଳର ୩ଶହରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ଶତକଡା ୧୦୦ଭାଗ ଖରିଫ୍ ଚାଷ ହେଉଥିଲା ବେଳେ ଶତକଡା ୩୦ଭାଗ ରବି ଚାଷ ହୋଇପାରୁଛି। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ୧୦ରୁ ଉର୍ଦ୍ଧ୍ୱ ପାଣିପଞ୍ଚାୟତର ସଭାପତି, ସମ୍ପାଦକ, ସଭ୍ୟମାନଙ୍କ ସହ ଶତାଧିକ ଚାଷୀ ଯୋଗଦେଇଥିଲେ। ନୟାଗଡ଼ ଜଳସେଚନ ବିଭାଗ ତରଫରୁ ଜିଲାରେ ମୋଟ ୮୮ଟି ପାଣି ପଞ୍ଚାୟତ ସରକାରୀ ସ୍ୱୀକୃତି ମିଳିଥିଲା ବେଳେ ଆହୁରି ୧୬୭ ପାଣିପଞ୍ଚାୟତ ପାଇଁ ବିଭିନ୍ନ ଅଞ୍ଚଳର ଚାଷୀମାନେ ଆବେଦନ କରିଛନ୍ତି। ତଦନ୍ତ କରି ଏଗୁଡ଼ିକୁ ସ୍ୱୀକୃତି ଦିଆଗଲେ ଆଗକୁ ପାଣିପଞ୍ଚାୟତ ଉନ୍ନତି କରିପାରିବ ବୋଲି କ୍ଷୁଦ୍ର ଜଳସେଚନ ବିଭାଗ ଉପନିର୍ବାହୀ ଯନ୍ତ୍ରୀ ମହାନ୍ତି ପ୍ରକାଶ କରିଥିଲେ। ଡିଆର୍‌ଡିଏ ଜେଇ ଅଶୋକ କୁମାର ଦଳବେହେରା ସଭା ପରିଚାଳନା କରିଥିଲେ। ରଣପୁର କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# କୁହୁଡ଼ି ଦଳକୁ ହରାଇ ଫାଇନାଲ୍‌ରେ ଜଟଣୀ

## ଇଟାମାଟି କପ୍ ଫୁଟବଲ୍ ଟୁର୍ନାମେଣ୍ଟ

ନୟାଗଡ଼ ଅଫିସ,୧୭।୧

ଇଟାମାଟି ଯଦୁମଣି ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ବାମନ ଅବକାଶ ହାଇସ୍କୁଲ ପଡ଼ିଆଠାରେ ରାଜ୍ୟସ୍ତରୀୟ ଇଟାମାଟି କପ୍ ଫୁଟବଲ୍ ଟୁର୍ନାମେଣ୍ଟ ଚାଲୁ ରହିଛି। ଶୁକ୍ରବାର ପଞ୍ଚମ ଦିବସରେ ମହାବୀର ସ୍ପୋର୍ଟସ କ୍ଲବ କୁହୁଡ଼ି ଓ ଗୋଲଡେନ ଷ୍ଟାର କ୍ଲବ ଜଟଣୀ ମଧ୍ୟରେ ପ୍ରଥମ ସେମି ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଟଣୀ ଦଳ ୨-୦ ଗୋଲ୍‌ରେ କୁହୁଡ଼ି ଦଳକୁ ହରାଇ ଫାଇନାଲ୍‌କୁ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧରେ ଜଟଣୀ ଦଳର ୧୧ ନମ୍ବର ଖେଳାଳି ପ୍ରୀତିଶ ଲଗାତର ଭାବେ ଦୁଇଟି ଗୋଲ୍ ସ୍କୋର ଦେଇଥିଲେ। ଏହା ପରେ ଆଉ କୌଣସି ଗୋଲ୍ ସ୍କୋର ହୋଇ ପାରି ନ ଥିଲା। ଫଳରେ ଜଟଣୀ ଦଳ ୨-୦ ଗୋଲ୍‌ରେ କୁହୁଡ଼ିକୁ ହରାଇ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥିଭାବେ ଏଆରସିଏସ୍ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇଥିବା ବେଳେ କନିଷ୍ଠ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ, ଜିତେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ରେଫରୀ ଭାବେ ସୁଶାନ୍ତ କୁମାର ମିଶ୍ର, ସହାୟକ ରେଫରୀ ଭାବେ ସୁକାନ୍ତ ପ୍ରଧାନ, ରମେଶ ଚନ୍ଦ୍ର ବେହେରା, ଅଶୋକ କୁମାର ସେଠୀ ଖେଳ ପରିଚାଳନା କରିଥିଲେ। ଅମୀୟ ମୋହନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଜଟଣୀ ଦଳର ୧୧ ନମ୍ବର ଖେଳାଳି ପ୍ରୀତିଶ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ହାସଲ କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ କୋଶଳାଶୁଣୀ କ୍ଲବ ଖୋର୍ଦ୍ଧା ଓ ଯଦୁମଣି ଆଥ୍‌ଲେଟିକ କ୍ଲବ ଇଟାମାଟି ମଧ୍ୟରେ ଅନୁଷ୍ଠିତ ହେବ।



ଅତିଥିମାନଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।